## ୨ ବଖରା ଜଳିଗଲା

ରସୁଲପୁର,(ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଏକତଳା ଗ୍ରାମରେ ଶୁକ୍ରବାର ଅପରାହ୍ଣ ୫ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅଭିନ ଚନ୍ଦଙ୍କ ଦୁଇ ବଖରା ଘର ଜଳିଯାଇଛି। ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ରସୁଲପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ବିଦ୍ୟୁତ ସର୍ଟସର୍କିଟ ବୋଲି ଅନୁମାନ କରାଯାଉଛି।



# ଆରୁହାରୁ କଳାପଥର ଲୁଟ

ଯାଜପୁର,୧୦।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ଆରୁହା ଖାଦାନରୁ କଳାପଥର ଲୁଟ ଅଣାୟତ୍ତ ହୋଇଛି। ଆରୁହା ପଞ୍ଚାୟତ ଅନ୍ତର୍ଗତ ତରକାଶୁଣୀ ପ୍ରାଥମିକ ବିଦ୍ୟାଳୟ ନିକଟ ୨୬୭୭ ନମ୍ବର ପ୍ଲଟ୍‌ରେ ଉଚ୍ଚ କ୍ଷମତାସମ୍ପନ୍ନ ବ୍ଲାଷ୍ଟିଂ କରାଯାଇ ସେଠାରେ ବେଆଇନ କ୍ୱାରି ଚାଲିଛି। ଏହାସହ ୪ଟି ବେଆଇନ କ୍ରଶର ଉତ୍ପାଦନକ୍ଷମ ରହିଛି। ଏହାର ନିକଟରେ ରେଳଲାଇନ ଯାଇଥିବାବେଳେ ଚାଷଜମି ଓ ସ୍କୁଲ ରହିଛି। ଉକ୍ତ ଶବ୍ଦ ଯୋଗୁ ସ୍କୁଲ ପିଲାମାନେ ଭୟଭୀତ ହେଉଥିବାବେଳେ ଉତ୍କଟ ବାୟୁ ପ୍ରଦୂଷଣରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ରହୁ ନାହିଁ। ତେଣୁ ଏହି ବେଆଇନ କଳାପଥର ଖାଦାନକୁ ବନ୍ଦ କରାଯିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଯାଜପୁର ଜିଲାପାଳଙ୍କ ସମେତ ଲଘୁ ଖଣି ନିର୍ଦ୍ଦେଶକ, ଷ୍ଟିଲ ଏବଂ ଖଣି ବିଭାଗର ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୁଖଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ଅନୁସାରେ ଲିଜ୍‌ଧାରୀମାନଙ୍କଠାରୁ ପୂର୍ବ ସାଟେଲାଇଟ୍ ମାପଚୁପ ଅନୁସାରେ ଜରିମାନା ଆଦାୟ ନ ହେବା କାରଣରୁ ଆରୁହା ଖାଦାନଗୁଡ଼ିକରେ କଳାପଥର ଲୁଟ ଜୋରସୋର ଚାଲିଛି, ଯାହାକି ପରିବେଶ ଅନୁମତିର ସର୍ତ୍ତାବଳୀ

# ବିପଦରେ ସ୍କୁଲ ପିଲା, ରେଳଲାଇନ

## ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣକଲେ ଅଞ୍ଚଳବାସୀ



ଆରୁହାରୁ କଳାପଥର ଖାଦାନ।

ଏବଂ ସର୍ତ୍ତଗୁଡ଼ିକର ସିଧାସଳଖ ଉଲ୍ଲଂଘନ ହେଉଛି। ବିଏସ୍‌କ୍ୟୁ ନମ୍ବର-୨ର ସଇରାତ ନମ୍ବର ୧୬/୧୬-୧୭ ଏବଂ ୩୪/୨୧-୨୨ ନମ୍ବର ଦୁଇଟି ଖାଦାନ ପ୍ରାଥମିକ ସ୍କୁଲଠାରୁ ମାତ୍ର ୫୦୦ ମିଟର ଦୂରତା ମଧ୍ୟରେ ଚାଲିଛି। ବିଏସ୍‌କ୍ୟୁ ନମ୍ବର-୧ର ସଇରାତ ନମ୍ବର ୧୦/୧୭-୧୮, ସଇରାତ ନମ୍ବର ୩୫/୨୧-୨୨ ଏବଂ ସଇରାତ ନମ୍ବର ୩୬/୨୧-୨୨ ଖାଦାନଗୁଡ଼ିକ ପୂର୍ବତଟ ରେଳଲାଇନଠାରୁ ମାତ୍ର ୨୦୦ ମିଟର ଦୂରତାରେ ରହିଛି। ଫଳରେ ଏହି ରେଳଲାଇନର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାସହ ଉପରୋକ୍ତ ଖାଦାନ ନିକଟରେ ତଥା ୨୭୩୩, ୨୫୯୪, ୨୭୦୪ ଓ ୨୭୦୫ ନମ୍ବର ପ୍ଲଟ୍‌ରେ ବେଆଇନ ଭାବେ ୪ଟି ପଥର କ୍ରଶର ଚାଲିଛି। ଫଳରେ ସ୍କୁଲ ପିଲାମାନେ ବାୟୁ ଏବଂ ଶବ୍ଦ ପ୍ରଦୂଷଣରେ ଅତିଷ୍ଠ ହୋଇପଡୁଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ନିର୍ମଳ ନାୟକ, ହରିହର ସାହୁ, ପ୍ରତାପ ରଣା, ଆନନ୍ଦ ବେହେରା, ପ୍ରମୋଦ ବେହେରା, ଅନାମ ବେହେରା, ସହଦେବ ରଣା, ମୋହନ ନାୟକ, ଚିତ୍ତରଞ୍ଜନ ଜେନା ପ୍ରମୁଖ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ୧ ବର୍ଷ ପୂର୍ବେ ରାଜସ୍ୱ ବିଭାଗ ଅଧୀନରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ଭାର ରହିଥିଲା। ଏବେ ଯାଜପୁରରେ ଏକ ଲଘୁ ଖଣି ନିର୍ଦ୍ଦେଶାଳୟ ଖୋଲିଛି। ଏହି କାର୍ଯ୍ୟାଳୟରେ ଜଣେ ଉପନିର୍ଦ୍ଦେଶକଙ୍କ ସମେତ ୫ ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ଏହି ଲଘୁ ଖଣି କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଯାଜପୁର ଜିଲାରେ ମୋରମ, କଳାପଥର, ବାଲି, ମାଙ୍କଡା ପଥର ଇତ୍ୟାଦି ବେଆଇନ ଭାବେ ପରିବହନ ସୀମା ଲଙ୍ଘିଛି ବୋଲି ଅଭିଯୋଗ ହେଉଛି। ଧର୍ମଶାଳା ତହସିଲ ଅଧୀନରେ ଥିବା ଆରୁହା ବ୍ୟତୀତ ଉଙ୍କାରି, ରାହାଡ଼ପୁର, ବିଛାଖଣ୍ଡି ପ୍ରଭୃତି ପାହାଡ଼ରୁ କୋଟି ଟଙ୍କାର କଳାପଥର ଦିନ ରାତି ଉତ୍ତୋଳନ ହେଉଛି। ଏପରି କି ଭିସିଆଇ କାରଖାନା ପ୍ରତିଷ୍ଠା ପାଇଁ ସରକାର ଜମି ଯୋଗାଇ ଦେଇଥିବାବେଳେ ସେଠାରୁ ପ୍ରାୟ ୨୦ କୋଟି ଟଙ୍କାର ମୋରମ୍ ଲୁଟ ହୋଇଥିବା ନେଇ ଅଞ୍ଚଳବାସୀ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ମହିଳାଙ୍କ ସ୍କୁଟିରୁ ୭୦ ହଜାର ଟଙ୍କା ଲୁଟ୍

ରସୁଲପୁର,୧୦।୫(ରଂଜିତ ରାଉତ)



ଲୁଟ୍‌ର ଶିକାର ହୋଇଥିବା ମହିଳା।

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଓଡ଼ଙ୍ଗ (ଗଣେଶ ବଜାର )ରୁ ଜଣେ ମହିଳାଙ୍କ ସ୍କୁଟିରୁ ୭୦ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କୁଆଖିଆ ଥାନା ଅନ୍ତର୍ଗତ ସିଂହପୁର ଗ୍ରାମର ଇନ୍ଦୁମତୀ ରାଉତ ଶୁକ୍ରବାର ପୂର୍ବାହ୍ଣ ୧୦ଟା୩୦ରେ ବାରବାଟୀ ସ୍ଥିତ ୟୁକୋ ବ୍ୟାଙ୍କ ଶାଖାକୁ ୭୦ ହଜାର ଟଙ୍କା ଜମା କରିବାକୁ ଆସିଥିଲେ। ବ୍ୟାଙ୍କରେ ଟଙ୍କା ଜମା କରିବା ପୂର୍ବରୁ ଗଣେଶ ବଜାରରେ ଥିବା ଗଣେଶ ମିଠା ଦୋକାନରୁ ମିଠା କିଣିବା ପାଇଁ ଯାଇଥିଲେ। ସେ ଦୋକାନ ସାମ୍ନାରେ ସ୍କୁଟି ରଖିବା ସହ ଗାଡ଼ିରେ ଟଙ୍କା ପର୍ସକୁ ଓହଳେଇ ଦେଇଥିଲେ। ମିଠା କିଣି ଆସିବା ବେଳକୁ ଗାଡ଼ିରେ ତାଙ୍କ ପର୍ସ ନ ଥିଲା। ଉକ୍ତ ପର୍ସରେ ନଗଦ ୭୦ ହଜାର ଟଙ୍କା, ଆଧାର କାର୍ଡ ଓ ପ୍ୟାନ କାର୍ଡ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ସେ ବହୁ ଖୋଜାଖୋଜି କରିବା ପରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ତପନ କୁମାର ନାୟକ ଅଭିଯୋଗ ପାଇବା ପରେ ମିଠା ଦୋକାନ ପାଖରେ ଥିବା ଅନ୍ୟ ଏକ ଦୋକାନର ସିସି ଟିଭି ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅନ୍ୟପକ୍ଷରେ ଦିନକୁ ଦିନ ଧର୍ମଶାଳା ଥାନା ଅଞ୍ଚଳରେ ଚୋରି, ଛିନତାଇ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ବାରବାଟୀ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଆସୁଛି। ମାତ୍ର ପୋଲିସ ତରଫରୁ ତାହାକୁ ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କଳିଙ୍ଗନଗର,୧୦।୫(ଶୁଭାଶିଷ ରାଉତ)

କଳିଙ୍ଗନଗର ଥାନା ସାରଙ୍ଗପୁର ଛକ ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ସାରଙ୍ଗପୁର ଗ୍ରାମର ଲୋଟା ମାଝିଙ୍କ ମୃତ୍ୟୁ ହୋଇଛି। ଲୋଟା ସେହି ଗ୍ରାମର ଅଲେଖ ପେରେଇଙ୍କ ପୁଅ ସୁବାସଙ୍କ ସହ ମିଶି ଏକ ଶୋଭାଯାତ୍ରାରେ ସାମିଲ ହେବାପାଇଁ ସୁକିନ୍ଦା ଅଭିମୁଖେ ଯାଉଥିଲେ। ଏହି ସମୟରେ ରାସ୍ତାରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ ପଛରେ ଭାରସାମ୍ୟ ହରାଇ ତାଙ୍କ ବାଇକ୍ ପିଟି ହୋଇଯାଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ସୁବାସ ଗୁରୁତର ହୋଇଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା,୧୦।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅଧୀନ ଚାନ୍ଦପୁର ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅଭିରମ ନାୟକଙ୍କ ପୁଅ ଶ୍ରୀକାନ୍ତ ନାୟକ(୩୨)। ବୁଧବାର ସ୍ଥାନୀୟ କେତେଜଣ ଯୁବକଙ୍କ ସହ ସେ ବାଲେଶ୍ୱର ଜିଲାର ସୋରୋ ଅଞ୍ଚଳର ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ହେଲେ ଗୁରୁବାର ତାଙ୍କ ମୃତଦେହ ସୋରୋ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ କଡ଼ରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚିବାପରେ ମୃତଦେହ ବବ୍ୟଚ୍ଛେଦ କରାଇ ଗାଁକୁ ଆଣିଥିଲେ। ସମ୍ପୃକ୍ତ ଯୁବକଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ତାଙ୍କ ପରିବାର ପକ୍ଷରୁ ସୋରୋ ଓ ଧର୍ମଶାଳା ଥାନାରେ ଅଭିଯୋଗ କରାଯାଇଛି। ଯୁବକ ଭୋଜିରେ ଯୋଗଦେଇ ଏକା ଅଟୋରେ ଘରକୁ ଫେରିଥିଲେ ବୋଲି ତାଙ୍କ ସହିତ ଯାଇଥିବା ଅନ୍ୟ ଯୁବକମାନେ କହିଛନ୍ତି। ଘଟଣାର ମୁକସାକ୍ଷୀ ଅଟୋଚାଳକଙ୍କୁ ପୋଲିସ ପଚରାଉଚରା କରିଛି।

### ବିଜେଡିରେ ଯାଜପୁର କଂଗ୍ରେସ ନେତା ବଳରାମ ଦାସ

ଭୁବନେଶ୍ୱର,୧୦।୫(ଅନିଲ ଦାସ)

ଯାଜପୁର ଜିଲା କାର୍ଯ୍ୟକାରୀ କଂଗ୍ରେସ ସଭାପତି ବଳରାମ ଦାସଙ୍କ ସହ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ବଳରାମ ଦାସ ଓ କର୍ମକର୍ତ୍ତାଙ୍କୁ ଉଭୟ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ଯାଜପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ ଓ ସୌମ୍ୟରଞ୍ଜନ କହିଛନ୍ତି।

# କଦମପାଳ ଗ୍ରାମରେ ଅକ୍ଷୟ ତୃତୀୟା ଉତ୍ସବ

କାଏମା,୧୦।୫(ଶିବପ୍ରସାଦ ମହାନ୍ତି)



ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ଗ୍ରାମରେ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଛି। ସକାଳୁ ଚାଷୀମାନେ ନୂତନ ବସ୍ତ୍ର ପରିଧାନ କରି ଅଖି ମୁଠି ନେଇ ଅନୁକୂଳ କରିବାକୁ ବିଲକୁ ଯାଇଥିଲେ। ଶଙ୍ଖ ହୁଳହୁଳିରେ ପ୍ରକମ୍ପିତ ହୋଇଉଠୁଥିଲା ଗାଁ ଦାଣ୍ଡ। ଘରେଘରେ ଝୋଟି ଚିତା ପକାଯିବା ସହ ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। ୩ ଦିନ ଧରି ଏହି ପୂଜା ପାଳନ କରାଯିବ। ପାରମ୍ପରିକ ରୀତିନୀତି ଅନୁସାରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଅନୁଷ୍ଠିତ ହେବ। ଏଥିରେ କଳସାଧିବାସ, ଷୋଡ଼ଶ ଉପଚାର ପୂଜା, ସନ୍ଧ୍ୟାଆଳତି ଓ ବିଷ୍ଣୁ ସହସ୍ରନାମ ପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗ୍ରାମର ଲକ୍ଷ୍ମୀନାରାୟଣ ଡ୍ରାମାଟିକ କ୍ଲବ ଦ୍ୱାରା ୨ ସାମାଜିକ ନାଟକ ଏତେ ଦୁଃଖ କାହିଁ ଦେଲୁ ଦଇବ ଓ ଗୁପ୍ତ ସମ୍ପର୍କ ପରିବେଷଣ କରାଯିବ ବୋଲି ଗ୍ରାମର ବିଶିଷ୍ଟ ଶିକ୍ଷବିତ ଇଞ୍ଜିନିୟର ସୂର୍ଯ୍ୟକାନ୍ତ ଜେନା ସୂଚନା ଦେଇଛନ୍ତି।

# ନାମାଙ୍କନ ଦାଖଲକଲେ ବଡ଼ଚଣାର ୩ ପ୍ରାର୍ଥୀ

ବଡ଼ଚଣା,୧୦।୫(ଦିଲୀପ କୁମାର ମହାନ୍ତି)

ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରିରହିଛି। ନାମାଙ୍କନ ପତ୍ର ଦାଖଲର ଶୁକ୍ରବାର ଚତୁର୍ଥ ଦିନରେ ବଡ଼ଚଣା ବିଧାନସଭା ଆସନ ପାଇଁ ୩ ପ୍ରମୁଖ ଦଳର ବିଧାୟକ ପ୍ରାର୍ଥୀ ହଜାରହଜାର ସମର୍ଥକଙ୍କ ସହ ଶୋଭାଯାତ୍ରା ଯାଇ ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରଥମେ କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ସାମଲ ମହାବିନାୟକ ପୀଠରେ



ବର୍ଷା ପ୍ରିୟଦର୍ଶିନୀ

## ମହାବିନାୟକଙ୍କୁ କଲେ ପୂଜାର୍ଚ୍ଚନା

ପଞ୍ଚଦେବତଙ୍କୁ ପୂଜାର୍ଚ୍ଚନା କରି ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଜପୁର ଅଭିମୁଖେ ଯାଇଥିଲେ। ପରେ ଭାଜପା ପ୍ରାର୍ଥୀ ଅମର ନାୟକ ଓ ତାଙ୍କ ପରେ ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ମହାବିନାୟକଙ୍କୁ ପୂଜାର୍ଚ୍ଚନା କରି ହଜାରହଜାର ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ବାଜାବାଣ ରୋଷଣିରେ କିଛି ସମୟ ଧରି ଚଣ୍ଡିଖୋଲ ଟ୍ରାଫିକ ଜାମ ହୋଇଥିବା ଦେଖା ଯାଇଥିଲା।

# ରବୀନ୍ଦ୍ର କରିଛନ୍ତି କମ୍ପ୍ୟୁଟର ସାଇନ୍ସରେ ପିଏଚ୍.ଡି., ପ୍ରୀତିରଞ୍ଜନ ଇଞ୍ଜିନିୟରିଂ

ଯାଜପୁର,୧୦।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଲୋକ ସଭା ଆସନ ପାଇଁ ଶୁକ୍ରବାର ଭାଜପାର ରବୀନ୍ଦ୍ର ନାରାୟଣ ବେହେରା ଓ କଂଗ୍ରେସର ଅଞ୍ଚଳ ଦାସ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସତ୍ୟପାଠ ଅନୁସାରେ ରବୀନ୍ଦ୍ର କମ୍ପ୍ୟୁଟର ସାଇନ୍ସରେ ପିଏଚ୍.ଡି. କରିଛନ୍ତି। ସେ ଭୁବନେଶ୍ୱର ଆମ୍ରପାଲି ଶୈଳଶ୍ରୀବିହାରରେ ରୁହନ୍ତି। କୌଣସି ଆପରାଧିକ ମାମଲା ନାହିଁ। ୨୦୨୨-୨୩ ଆର୍ଥିକ ବର୍ଷରେ ୧୧ ଲକ୍ଷ ୩୭ ହଜାର ୭୬ ଟଙ୍କା ଆୟ କରିଥିବା ସେ ଦର୍ଶାଇଛନ୍ତି। ସେହିପରି ତାଙ୍କ ସ୍ତ୍ରୀ ୭ ଲକ୍ଷ ୩୬ ହଜାର ୬୦୦ ଟଙ୍କା ଆୟ କରିଛନ୍ତି। ତାଙ୍କ ପାଖରେ ୪୨ ଲକ୍ଷ ୨୧ ହଜାର ୮୮୦ ଟଙ୍କା ଏବଂ ସ୍ତ୍ରୀଙ୍କ ପାଖରେ ୭୭ ଲକ୍ଷ ୪୫ ହଜାର ୨୧୨ ଟଙ୍କାର ଅସ୍ଥାବର(ଚଳନ୍ତି) ସମ୍ପତ୍ତି ରହିଛି। ସେହିପରି ତାଙ୍କ ନିକଟରେ ୧ କୋଟି ୩ ଲକ୍ଷ ୨୯ ହଜାର ୮୯୨ ଟଙ୍କାର ଏବଂ ସ୍ତ୍ରୀଙ୍କ ପାଖରେ ୭୯ ଲକ୍ଷ ୫୨ ହଜାର ୩୦ ଟଙ୍କାର ସ୍ଥାବର ସମ୍ପତ୍ତି ରହିଥିବା ସତ୍ୟପାଠରୁ ଜଣାପଡିଛି।

ସେହିପରି କଂଗ୍ରେସର ଲୋକ ସଭା ପ୍ରାର୍ଥୀ ଅଞ୍ଚଳ ଦାସ ଆଇନ ଡିଗ୍ରୀ କରିଛନ୍ତି। ୧୯୯୨ରେ ସେ ଯାଜପୁର ବିରଜା ଆଇନ କଲେଜରୁ ଏଲ୍‌ଏଲ୍‌ବି ଶିକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୨୩-୨୪ରେ ସେ ୬ ଲକ୍ଷ ୪୯ ହଜାର ୭୫୦ ଟଙ୍କା ଏବଂ ତାଙ୍କ ସ୍ତ୍ରୀ ୫ ଲକ୍ଷ ୯୫ ହଜାର ୭୫୦ ଟଙ୍କା ଆୟ କରିଥିବା ଦର୍ଶାଇଛନ୍ତି। ତାଙ୍କପାଖରେ ୩ ଲକ୍ଷ ୩୩ ହଜାର ୮୮୬ ଟଙ୍କା ଏବଂ ତାଙ୍କ ସ୍ତ୍ରୀଙ୍କ ପାଖରେ ୮ ଲକ୍ଷ

## ଅଞ୍ଚଳ ଓ ଆକାଶ ଆଇନ, ବର୍ଷା ୨ଯୁକ୍ତ ପଢ଼ିଛନ୍ତି

୭ ହଜାର ୫୧୨ ଟଙ୍କା ଅସ୍ଥାବର ସମ୍ପତ୍ତି ରହିଥିବାବେଳେ ତାଙ୍କ ନାମରେ ପ୍ରାୟ ୧କୋଟି ୧୫ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ଏହାସହ ସେ ୪ ଲକ୍ଷ ୩୬ ହଜାର ୬୮୩ ଟଙ୍କା ଏବଂ ତାଙ୍କ ସ୍ତ୍ରୀ ୫ ଲକ୍ଷ ୪୮ ହଜାର ୫୮୦ ଟଙ୍କା ବିଭିନ୍ନ ଅନୁଷ୍ଠାନରୁ ଋଣ କରିଛନ୍ତି।

ଅନ୍ୟପକ୍ଷରେ ଯାଜପୁର ଜିଲାର ସୁକିନ୍ଦା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ(ଡାନି) ୧୯୯୬ରେ ବାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଅଧୀନ ରମୈହା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ମେକାନିକାଲ ଇଞ୍ଜିନିୟରିଂ ଶିକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୨୨-୨୩ ବର୍ଷରେ ସେ ୧୦ ଲକ୍ଷ ୩୪ ହଜାର ୨୫୦ ଟଙ୍କା ଏବଂ ତାଙ୍କ ସ୍ତ୍ରୀ ୩୦ ଲକ୍ଷ ୪୨ ହଜାର ୯୨୦ ଟଙ୍କା ଆୟ କରିଥିବା ଦର୍ଶାଇଛନ୍ତି। ସେହିପରି ତାଙ୍କ ପାଖରେ ୩୯ ଲକ୍ଷ ୮୭ ହଜାର ୭୧୮ ଟଙ୍କା ଏବଂ ତାଙ୍କ ସ୍ତ୍ରୀଙ୍କ ପାଖରେ ୨ କୋଟି ୫୦ ଲକ୍ଷ ୬୮ ହଜାର ୭୮୪ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଅନ୍ୟପକ୍ଷରେ ଡାନିଙ୍କ ନାମରେ ପ୍ରାୟ ୨୧ କୋଟି ୪୫ ଲକ୍ଷ ୧୮ ହଜାର ଟଙ୍କାର ଏବଂ ସ୍ତ୍ରୀଙ୍କ ନାମରେ ପ୍ରାୟ ୨ ଲକ୍ଷ ୧୪ ହଜାର ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ନାମରେ କୌଣସି ଆପରାଧିକ ମାମଲା ନାହିଁ। ସେହିପରି କୋରେଇ ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଆକାଶ ଦାସନାୟକ ୨୦୦୬ରେ ଭୁବନେଶ୍ୱର ରାଜଧାନୀ ଆଇନ କଲେଜରୁ ଏଲ୍‌ଏଲ୍‌ବି ପାଠ ପଢ଼ିଛନ୍ତି। ୨୦୨୨-୨୩ ବର୍ଷରେ ସେ ୫ ଲକ୍ଷ ୨୯ ହଜାର ୭୫୦ ଟଙ୍କା ଏବଂ ତାଙ୍କ ସ୍ତ୍ରୀ ୨ ଲକ୍ଷ ୯୬ ହଜାର ୫୮୦ ଟଙ୍କା ଆୟ କରିଥିବା ଦର୍ଶାଇଛନ୍ତି। ଏହାବାଦ ଆକାଶଙ୍କ ପାଖରେ ୬୪ ଲକ୍ଷ ୮୮ ହଜାର ୬୪୭ ଟଙ୍କା ଏବଂ ସ୍ତ୍ରୀ ନିକଟରେ ୪୫ ଲକ୍ଷ ୮୫ ହଜାର ୩୬୮ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଏହାବାଦ ଆକାଶଙ୍କ ନାମରେ ପ୍ରାୟ ୩୮ ଲକ୍ଷ ୫୦ ହଜାର ଟଙ୍କା ଏବଂ ସ୍ତ୍ରୀଙ୍କ ନାମରେ ୨୪ ଲକ୍ଷ ୨୭ ହଜାର ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଏହାସହ ୧ ଲକ୍ଷ ୫୬ ହଜାର ୨୧୦ ଟଙ୍କାର ସରକାରୀ ଅର୍ଥ ତାଙ୍କ ନାମରେ ବିବାଦରେ ରହିଛି। ଜିଲାର ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀ କଟକ ଖ୍ରୀଷ୍ଟ କଲେଜରୁ ୨୦୦୦ ମସିହାରେ ଯୁକ୍ତ୨ କଳାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୨୩-୨୪ରେ ସେ ୯୮ ହଜାର ୭୩୦ ଟଙ୍କା ଆୟ କରିଥିବା ତାଙ୍କ ଆୟକର ରିଟର୍ନରେ ଦର୍ଶାଇଛନ୍ତି। ଏହାସହ ତାଙ୍କ ନାମରେ ୧ କୋଟି ୨ ଲକ୍ଷ ୬୨ ହଜାର ୭୬୫ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଏହାବାଦ୍ ତାଙ୍କ ନାମରେ ୯୦ ହଜାର ୯ ଟଙ୍କାର ସ୍ଥାବର ସମ୍ପତ୍ତି ଥିବା ତାଙ୍କ ସତ୍ୟପାଠରେ ଦର୍ଶାଯାଇଛି। ବିଭିନ୍ନ ବ୍ୟାଙ୍କରୁ ସେ ୩୦ ଲକ୍ଷ ଟଙ୍କାର ଋଣ କରିଛନ୍ତି। ତେବେ ତାଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଛି।

# ଉମେଶ, ଦେବାଶିଷଙ୍କ ନାମାଙ୍କନପତ୍ର ଦାଖଲ

ବରୀ,୧୦।୫(ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଶୁକ୍ରବାର ନାମାନଙ୍କ ପତ୍ର ଦାଖଲ କରିଛନ୍ତି। ରତ୍ନଗିରିସ୍ଥିତ ନିଜ ବାସ ଭବନ ନିକଟରୁ ସେ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନାମାନଙ୍କ ପତ୍ର ଦାଖଲ କରିବାକୁ ଯାଇଥିଲେ। ଏହି ସମୟରେ ଅଜାଣ, ହାଟସାହି, ରାମଚନ୍ଦ୍ରପୁର, ବରୀ, ଅଟିରା, ବାଲିଆପାଳ ଓ ମାଳଦା ଆଦି ଛକରେ ଦଳୀୟ କର୍ମୀମାନେ ଜୟ ଶ୍ରୀରାମ ନାରା ଦେବା ସହ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା ଭାଜପା କାର୍ଯ୍ୟକାରୀ ସମ୍ପାଦକ ଆଶୁତୋଷ ପରିଡ଼ା, ଯୁବ ଭାଜପା ନେତା ସୌଭାଗ୍ୟ ଦାସ, ନିର୍ମଳ ସାମଲ, ଅଜୟ ନାୟକ, ନୃସିଂହ ଶାନ୍ତି, ପ୍ରଦୀପ ଦାସ, ସୁଶାନ୍ତ ବେହେରା, ଲକ୍ଷ୍ମୀଧର ପତି, ବିଜୟ ବେହୁରା, ସଂଗ୍ରାମ ପଲେଇ, ଜଗନ୍ନାଥ ପରିଡ଼ା, ମନୋଜ ମହାପାତ୍ର, ବାଦଲ ମହାପାତ୍ର, ମନସ୍ମିତା ପରିଡ଼ା, ସଂଯୁକ୍ତା ପାଢ଼ୀ, କ୍ରିଷ୍ଣା ମହାନ୍ତି ଓ ମମତା ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ।

ସେହିପରି ବରୀ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବାଶିଷ ନାୟକ ନିଜର ସମର୍ଥକଙ୍କ ସହ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନପତ୍ର ଦାଖଲ ବେଳେ ଯୁବନେତା ଅମରେଶ ପରିଡ଼ା, ପ୍ରଦେଶ କମିଟି ସଦସ୍ୟା କଳ୍ପନା ପଣ୍ଡା, ବ୍ଲକ ସଭାପତି ମନୋଜ ଦାସ, କଂଗ୍ରେସ ନେତା ସନତ ଜେନା, ଛାତ୍ର କଂଗ୍ରେସ ସଭାପତି ସାଗର ମିଶ୍ର, ନିରଞ୍ଜନ ସାମଲ, ଚିତ୍ତ ରଞ୍ଜନ ସାହୁ, ପ୍ରାକ୍ତନ ସମିତି ସଭ୍ୟ ଦେବ ପ୍ରଧାନ, ସତ୍ୟ ପ୍ରକାଶ ଦାସ, ନନ୍ଦ ସେନାପତି ଓ ଅପୂର୍ବ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଶକ୍ତି ପ୍ରଦର୍ଶନକଲେ ଆକାଶ

କୋରେଇ,୧୦।୫(ଚନ୍ଦ୍ରକାନ୍ତ ପତି)

କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ଏକ ବିରାଟ ପଟୁଆରରେ ହଜାରହଜାର ସମର୍ଥକଙ୍କ ସହ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିରେ ସେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଯାଜପୁର ରୋଡ୍‌ସ୍ଥିତ ଚୋରଦା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସମର୍ଥକଙ୍କ ଗହଣରେ ବ୍ୟାସନଗର ସହର ପରିକ୍ରମା କରି ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କୋରେଇରେ ଏଥର ନୂତନ ଆଶାର ଆଲୋକ ଉଜ୍ଜୀବିତ ହେବା ନେଇ ଜନସାଧାରଣ ଆଶା ରଖିଛନ୍ତି ବୋଲି ସେ କହିବା ସହ ଭୋଟ ଭିକ୍ଷା କରିଥିଲେ। ଏପରି କି କୋରେଇବାସୀ ମୋ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଆକାଶ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ସଂଚିତା ମହାନ୍ତି, ଆକାଶଙ୍କ ବାପା ମାୟାଧର ନାୟକ, ମା' ଇନ୍ଦିରା ଦାସ ଓ ସ୍ତ୍ରୀ ଶୁଭ୍ରାଜ୍ୟୋତିଙ୍କ



କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମର୍ଥକ।

ସହ ଚନ୍ଦ୍ରଶେଖର ପଣ୍ଡା, ସତ୍ୟନାରାୟଣ ମହାନ୍ତି, ବ୍ରଜକିଶୋର ରାଉତ, ଶିଶିର ରାଉତ, ସୌମେନ୍ଦ୍ର ରାଉତ, ପିନାକ ରଞ୍ଜନ ଦାସ, ପୀତାମ୍ବର ନନ୍ଦ, ପ୍ରହଲ୍ଲାଦ ପଣ୍ଡା, ଶଶିଭୁଷଣ ସାହୁ, ସୁବାସ ନାୟକ, କାର୍ତ୍ତିକ ସାହୁ, ବିଜୟ ମହାପାତ୍ର, ପ୍ରମୋଦ ସାହୁ, ନୀଳମାଧବ ଚକ୍ର, କୁଳମଣି ଦାସ, ମନ୍ମଥ ବଡଜେନା, ବସନ୍ତ କର, ଏସ.କେ. ଜହର ଅଲ୍ଲୀ, ପ୍ରିୟବ୍ରତ ମହାପାତ୍ର, ଗୋପାଳ ସେଠୀ, ଅକ୍ଷୟ ନାୟକ, ଆଲୋକ ମଲ୍ଲିକ, ହିଂମାଶୁ ପାଢୀ ଓ ବିଷ୍ଣୁ ଚରଣ ମଲ୍ଲିକ ପ୍ରମୁ ସାମିଲ ହୋଇଥିଲେ।

# କର୍ମ ବିମୁଖତା ଆଡ଼କୁ ବେକାର ଯୁବତୀଯୁବକ

**ପଟ୍ଟାମୁଣ୍ଡାଇ,୧୦।୫(କଳ୍ପତରୁ ନାୟକ)**

କେନ୍ଦ୍ରାପଡା ଏକ ପ୍ରାକୃତିକ ଦୁର୍ବିପାକର ଜିଲା ଭାବେ ପରିଗଣିତ। ବର୍ଷ ବର୍ଷ ଧରି ବନ୍ୟା, ବାତ୍ୟା ଜନସାଧାରଣଙ୍କୁ ଦୁଃଖ ଓ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଉଛି। ଏଠି ବସବାସ କରୁଥିବା ଅଧିକାଂଶ ଲୋକ ଶ୍ରମଜୀବୀ, ଗରିବ ଓ ନାମମାତ୍ର ଚାଷୀ। ପ୍ରାୟତଃ ୭୦ଭାଗ ଖଟିଖିଆ ଦିନ ମଜୁରିଆଙ୍କୁ ନିଯୁକ୍ତି ଦେଲା ଭଳି ଉଚ୍ଚମାନର କଳକାରଖାନା, କମ୍ପାନୀ ହେଉନାହିଁ ନା ହେବାର ସ୍ୱପ୍ନ କୌଣସି ଉଚ୍ଚ ରାଜନେତାଙ୍କ ମୁଣ୍ଡରେ ଜୁଟେ ନାହିଁ। ଏ ଦଳ ଆସିଲେ ହବ, ସେ ଦଳ ନାମରେ ରାଜ୍ୟରେ ଖାଲି ବାଇଦ ବାଜି କୋଟି କୋଟି ଟଙ୍କାର ପ୍ରକଳ୍ପ ଖାଲି ଘୋଷଣାରେ ସୀମିତ ରହେ। ବେକାରି ଯୁବତୀଯୁବକ ନିଯୁକ୍ତି ପାଇଁ ଗଢିଥିବା କୁଟୀରଶିଳ୍ପ, କୃଷିଜାତ ଶିଳ୍ପ, କ୍ଷୁଦ୍ର, ମଧ୍ୟମ, ଅଣୁ ଶିଳ୍ପଗୁଡିକ ସରକାରୀ ପ୍ରୋତ୍ସାହନ ଅଭାବରୁ ମୃତ ଅବସ୍ଥାରେ ପଡିରହିଛି। ଅନ୍ୟପକ୍ଷରେ କୃଷି କାର୍ଯ୍ୟ ପାଇଁ ଜଳ ପରିଚାଳନାରେ ଅଧିକ ତ୍ରୁଟି ହେବାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ବେକରି ଯୁବତୀଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଅନ୍ୟମାନେ କର୍ମ



କେରଳରୁ ଲୋକଙ୍କୁ ନେବାକୁ ଆସିଥିବା ବସ୍। (ଫାଇଲ୍ ଫଟୋ)

ବିହୁନେ ହା ହୁତାଶନରେ ଜୀବନ କାଟୁଛନ୍ତି। ମାତ୍ର ନିର୍ବାଚନ ଆସିଲେ ନେତାମାନଙ୍କ ତୁଚ୍ଛା ସ୍ଲୋଗାନ, ଲୋକଦେଖାଣିଆ କଥା, ମିଥ୍ୟା ବିକାଶ ନାମରେ ବିକଳାଙ୍ଗ ଓ ବିବର୍ଣ୍ଣ ପ୍ରାକୃତିକ ସମ୍ପଦକୁ ଶାଗମାଛ ମୂଲ୍ୟରେ ଧ୍ୱଂସ କରାଯାଉଛି। ପ୍ରଗତି ନାମରେ ପ୍ରଳାପ ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ରାଜ୍ୟରେ ଖଣି ଖାଦାନ, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ଭରପୂର ଅଛି। ଏଠାରେ ରଜନେତାମାନଙ୍କ ବୈଷୟିକ ବିଦ୍ୟାବୁଦ୍ଧି ଅଭାବରୁ ଏହି ଖଣିଜ ପଦାର୍ଥର ବିନିଯୋଗ କରି କଳକାରଖାନା ଗଢ଼ା ହେଉନାହିଁ। ବରଂ ସେହି କଞ୍ଚାମାଲକୁ କେନ୍ଦ୍ରାପଡ଼ା ବାଟ ହୋଇ ପାରାଦୀପ ବନ୍ଦରରୁ ବାହାରକୁ ଚାଲାଣ କରାଯାଉଛି। ମାତ୍ର କର୍ମସଂସ୍ଥାନ ପାଉ ନ ଥିବା କେନ୍ଦ୍ରାପଡ଼ାର ଯୁବ ବେକାରି ଦାଦନ ଖଟିବାକୁ ଯାଉଛନ୍ତି। ସାମାଜିକ କର୍ମୀ ପ୍ରମୋଦ ସାହୁ କହିଛନ୍ତି, ଜଳ ବିହୁନେ କୃଷିକ୍ଷେତ୍ର, ଶିକ୍ଷକ ବିହୁନେ

■କୋଟି କୋଟି ଟଙ୍କାର ପ୍ରକଳ୍ପ ଖାଲି ଘୋଷଣାରେ ସୀମିତ

■ନିଯୁକ୍ତି ଦେଲା ଭଳି କଳ କାରଖାନା ନାହିଁ

ଶିକ୍ଷା, ଅତ୍ୟାଧୁନିକ ଯନ୍ତ୍ରପାତି ଅଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଥିବାରୁ ସ୍ୱାଭିମାନ ପଟ୍ଟାମୁଣ୍ଡାଇ ଏବେ ପଥଭ୍ରଷ୍ଟ ହେଉଛି। ଏଠାରେ ସରକାର ବିଭିନ୍ନ ଯୋଜନା ତିଆରି କରି କର୍ମଠ ଲୋକଙ୍କୁ ନିକର୍ମା ସଜାଇ ସାରିଲେଣି। ଯୁବତୀଯୁବକ କର୍ମ ବିମୁଖତା ଆଡକୁ ମୁହାଁଇଛନ୍ତି ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯୁବପିଢିଙ୍କ ବର୍ତ୍ତାଳପରୁ ଅନୁମାନ କରାଯାଉଛି। ଉତ୍କଳ ଯୁବକ ସଂଘ ସଭାପତି ଗୌତମ ବେହେରା କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଲୋକେ ଚାଷ କାର୍ଯ୍ୟ ଉପରେ ନିର୍ଭର କରନ୍ତି। ଚାଷ ପାଇଁ ଆବଶ୍ୟକ ଅନୁଯାୟୀ ଜଳସେଚନର ସୁବିଧା କରାଯାଉ ନ ଥିବା ଅଭିଯୋଗ ହେଉଛି। ସରକାର ଯଦି ଚାଷୀମାନଙ୍କ ନିମନ୍ତେ ୧୨ ମାସ ଜଳସେଚନର ବ୍ୟବସ୍ଥା କରନ୍ତେ ତେବେ ଉତିକଣ ପାଟ ଓ ବୋଇତଆଳୁ ପାଟର ଚାଷୀ ପରିବାର ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉ ନ ଥାନ୍ତେ। ଗୋଟିଏ ବର୍ଷରେ ୩ଟି ଫସଲ ଅମଳ କରି ନିଜ ଗ୍ରାମ ଏବଂ ଘରେ ଦୁଇ ମୁଠା ଖାଇବା ସହ ପରିବାର ସହ ଖୁସିରେ ଜୀବନ ଅତିବାହିତ କରୁଥାନ୍ତେ। ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା କହିଛନ୍ତି, କଳା, ସଂସ୍କୃତି ଓ ପରମ୍ପରାରେ କେନ୍ଦ୍ରାପଡ଼ା ଜିଲା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଜିଲାର ଟେରାକୋଟା ଶିଳ୍ପୀମାନେ ସୁନ୍ଦର କାରୁକାର୍ଯ୍ୟ ପାଇଁ ବିଶ୍ୱ ଦରବାରରେ ନିଜର ପରାକଷ୍ଠା ପ୍ରଦର୍ଶନ କରି ପାରିଛନ୍ତି। ହେଲେ ସରକାରୀ ପ୍ରୋତ୍ସାହନ ଅଭାବରୁ ତାହା ସ୍ଥାଣୁ ପାଲଟି ଯାଇଛି। ଅନ୍ୟପକ୍ଷରେ ଅଞ୍ଚଳର ବିକାଶରେ ଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପାଇଁ ଗୁରୁତ୍ୱ ଦିଆଯାଇଛି। ହେଲେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ରୂପାୟନ ହେଉନାହିଁ। ଅନାଦାୟ ଋଣ ଗ୍ରହୀତାଙ୍କ ସଂଖ୍ୟା ବଢୁଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିରେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଏହି ସବୁ ଶିଳ୍ପ ପାଇଁ ଆଗ୍ରହୀ ଯୁବବର୍ଗ ନିରାଶ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି।

## ଚତୁର୍ଥ ଦିନରେ ୧୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କେନ୍ଦ୍ରାପଡା, ୧୦।୫ (ଜଗନ୍ନାଥ ଧଳ):** କେନ୍ଦ୍ରାପଡା ଜିଲାର ଲୋକ ସଭା ଓ ବିଧାନ ସଭା ପାଇଁ ଶୁକ୍ରବାର ୧୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଭରିଛନ୍ତି । ଲୋକ ସଭା ଆସନ ପାଇଁ ବିଜେଡିର ଅଂଶୁମାନ ମହାନ୍ତି ଜିଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିସହିତ ଭାଜପାର ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ସ୍ୱାଧୀନ ପ୍ରାର୍ଥୀ ସୌଭାଗ୍ୟ କେତନ ସାମଲ ଓ ପ୍ରଜ୍ଞାନ ପ୍ରକାଶ ମହାପାତ୍ର ନାମାଙ୍କନ ପତ୍ର ଭରିଛନ୍ତି। ସେହିପରି ରାଜନଗର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ମନୋଜ କୁମାର ରାଉତ ରିଟର୍ନିଂ ଅଫିସର ନିଲୁ ମହାପାତ୍ରଙ୍କୁ, ବିଜେଡିର ଅତନୁ ସବ୍ୟସାଚୀ ନାୟକ, ଭାଜପାର ଦୁର୍ଗାପ୍ରସନ୍ନ ନାୟକ, ସ୍ୱାଧୀନ ପ୍ରାର୍ଥୀ ମହାକାଳପଡ଼ା ପାଇଁ ରିଟର୍ନିଂ ଅଫିସର ଅଶୋକ କୁମାର ଦାସ, କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ପଦ ପାଇଁ ବିଜେଡିର ଅରବିନ୍ଦ ମହାପାତ୍ର, କଂଗ୍ରେସର ରତିକାନ୍ତ କାନୁନ୍‌ଗୋ ଓ ଆମଆଦମୀ ପାର୍ଟିର ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ରିଟର୍ନିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରିଛନ୍ତି।

## ଅରବିନ୍ଦଙ୍କ ଶୋଭାଯାତ୍ରାରେ ବାପା ବିଜୟ



**ଡେରାବିଶ, ୧୦।୫ (ବେବର୍ତ୍ତା ଅଜୟ ଦାସ)**

ପାଟକୁରା ନିର୍ବାଚନମଣ୍ଡଳୀ ପାଇଁ ଦୁଇ ପ୍ରମୁଖ ଦଳ ବିଜେଡି ଓ ଆମ ଆଦମୀ ପାର୍ଟି ଦଳର ପ୍ରାର୍ଥୀମାନେ ଶୁକ୍ରବାର ଜିଲା ରିଟର୍ଣ୍ଣି ଅଧିକାରୀଙ୍କ ନିକଟରେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ବାଲିପାଟଣାସ୍ଥିତ ପରମଆରାଧ ଶ୍ରୀଲଛମନଜୀଉଙ୍କ ମନ୍ଦିରରେ ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ପୂର୍ବାହ୍ନରେ ପୂଜାର୍ଚ୍ଚନା କରିଥିଲେ । ପରେ ପ୍ରଥମେ ତାଙ୍କ ବାପା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଆଶିର୍ବାଦ ନେବା ପରେ ଏକ ବିଶାଳ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ଏହି ଶୋଭାଯାତ୍ରା ଗାଡ଼ିରେ ପୁଅ ଅରବିନ୍ଦଙ୍କ ସହ ବିଜୟଙ୍କୁ ଦେଖିବାକୁ ମିଳିଥିଲା । ତେବେ ପାଟକୁରା ନିର୍ବାଚନ ମଣ୍ଡଳୀର ହଜାର ହଜାର କର୍ମୀଙ୍କ ଗହଣରେ ଅରବିନ୍ଦଙ୍କ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସୁବାଶ ଚନ୍ଦ୍ର ସାହୁ, ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ, ଯୁବ ନେତା ଦିଲୀପ ଦାସ, ଶିବ ପ୍ରସାଦ ସାହୁଙ୍କ ସମେତ ଉଭୟ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଓ ମହିଳାମାନେ ଅରବିନ୍ଦ ଓ ବିଜୟଙ୍କୁ ସ୍ୱାଗତ କରିବା ସହ ଅରବିନ୍ଦଙ୍କ ବିଜୟ କାମନା କରିଥିଲେ । ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ଯୁବ ବିଜେଡ଼ି ସଭାପତି ଗୋଲଖ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ମହିଳା ନେତ୍ରୀ କନକଲତା କଣ୍ଠ, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦିକା ସରଳରେଖା ସାହୁ, ମମତା ସାମଲ, ବରିଷ୍ଠ ନେତା ସରୋଜକାନ୍ତ ନାୟକ, ଯୁବନେତା ସୁଦିପ୍ତ ସାମଲ, ଯୋଗାନନ୍ଦ ମହାନ୍ତି, ମନୋରଞ୍ଜନ ଉପାଧ୍ୟାୟ, ମହେନ୍ଦ୍ର କୁମାର ସିଂ, ବିଭୁଦେନ୍ଦୁ ପଣ୍ଡା, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ତୃପ୍ତିମୟୀ କରଙ୍କ ସମେତ ବହୁ ଦଳୀୟ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତେବେ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ପାଟକୁରା ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ଦଳୀୟ ସଭାରେ ବିଜୟଙ୍କ ଅନୁପସ୍ଥିତକୁ ନେଇ କର୍ମୀ ମହଲରେ ସ୍ଥାନୀୟ ଗୁଞ୍ଜରଣ ସୃଷ୍ଟି ହେଉଥିଲା। ଆଜିର ନାମାଙ୍କନ ଶୋଭାଯାତ୍ରାରେ ବିଜୟଙ୍କ ଉପସ୍ଥିତି କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

## ବ୍ରହ୍ମ ତାଳଧ୍ୱଜ ରଥକାଠ ଅନୁକୂଳ

**କେନ୍ଦ୍ରାପଡ଼ା, ୧୦।୫ (ଜଗନ୍ନାଥ ଧଳ)**

ଆସନ୍ତା ଜୁଲାଇ ୭ ତାରିଖରେ ରଥ ଯାତ୍ରା। ଏହାର ପରଦିନ ଅର୍ଥାତ ୨୧ ତାରିଖରେ କେନ୍ଦ୍ରାପଡ଼ା ଜିଲାର ଆରାଧଦେବ ତଥା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରିବ। ଏହି ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟା ତିଥି ଅବସରରେ କାଠ ଅନୁକୂଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରଥକାଠ ଅନୁକୂଳ ପାଇଁ ଅପରାହ୍ନରେ ଶ୍ରୀବଳଦେବଜୀଉ ଦେବୋତର ସଂସ୍ଥା ପକ୍ଷରୁ ଚିହ୍ନଟ କରାଯାଇଥିବା ଆମ୍ବ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସେବାୟତଙ୍କ ମାଧ୍ୟମରେ ଏକ



ଖଣ୍ଡ ଡାଳ ଛେଦନ କରାଯାଇ ମନ୍ଦିର ପରିସରକୁ ନିଆଯାଇଥିଲା। ସେଠାରେ ବିଧି ମୁତାବକ ମହାରଣାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପ୍ରଦାନ କରାଯାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଇଛି। ଏହା ପୂର୍ବରୁ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ମା' ରେବତୀଙ୍କ ସହ ବିବାହ ରୀତିନୀତି ଅନୁଷ୍ଠିତ ହୋଇଛି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରକାଶ କରିଛନ୍ତି, ଚଳିତବର୍ଷ ରଥ ନିର୍ମାଣ ପାଇଁ ପ୍ରାୟ ୪୭୦ ଘନଫୁଟ (ସିଫଟ) କାଠ ଆବଶ୍ୟକ ଅଛି। ଏଥିପାଇଁ ବଡମ୍ବା, ନରସିଂହପୁର ବନ ବିଭାଗ ସହ ଯୋଗାଯୋଗ କରାଯାଇଛି। ଆସନ୍ତା ୧୦ଦିନ ମଧ୍ୟରେ ରଥ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇ କାମ ଆରମ୍ଭ ହେବ। ସୂଚନାଯୋଗ୍ୟ, ଏହି ରଥର ଉଚ୍ଚତା ୬୫ ଫୁଟ। ଏହାର ଚକ ସଂଖ୍ୟା ୧୪, ମୋଟ ୧୦୧୩ ଖଣ୍ଡ କାଠରେ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ହୋଇଥାଏ।

## ଶ୍ରୀବଳଦେବଜୀଉଙ୍କ ଚନ୍ଦନଯାତ୍ରା ଆରମ୍ଭ

**କେନ୍ଦ୍ରାପଡ଼ା, ୧୦।୫ (ଜଗନ୍ନାଥ ଧଳ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ଶ୍ରୀବଳଦେବଜୀଉଙ୍କ ଚନ୍ଦନ ଯାତ୍ରା ଓ ଚାପ ଖେଳ ପାରମ୍ପାରିକ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ଏହା ଆସନ୍ତା ୨୧ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ମନ୍ଦିରର ଦ୍ୱିପହର ଧୂପ ପୂର୍ବରୁ ଶ୍ରୀଜୀଉଙ୍କୁ ନୂତନ ଶୁକ୍ଳବସ୍ତ୍ର ପରିଧାନ କରାଯାଇଥିଲା। ଏହି ବେଶରେ ଶ୍ରୀଜୀଉଙ୍କୁ ପଞ୍ଝୁଲହରୀ ଇତ୍ୟାଦି ଶୁକ୍ଳ ଫୁଲରେ ସଜ୍ଜିତ କରାଯାଇ ପ୍ରଥମେ ପଣା ପଖାଳ ଭୋଗ ଲାଗି ହୋଇଥିଲା। ଦ୍ୱିପହର ଧୂପ ପରେ ଶ୍ରୀଜୀଉଙ୍କ ବିଜେପ୍ରତିମା ଶ୍ରୀଗୋବିନ୍ଦଜୀଉ ଓ ମହାଲକ୍ଷ୍ମୀଙ୍କୁ ଦୋଳ ବିମାନରେ ବିଜେ କରାଯାଇ ଚନ୍ଦନ ପୁଷ୍କରଣୀକୁ ନିଆଯାଇଥିଲା। ସେବକମାନେ ଘଣ୍ଟ, ଘଣ୍ଟା, କାହାଳି, ଛତ୍ର, ଆଲଟ, ଚାମର ଆଦି ଧରି ଚନ୍ଦନ


ଠାକୁରଙ୍କୁ ଚାପ ଖେଳ ଲାଗି ଚନ୍ଦନ ପୋଖରୀକୁ ନିଆଯାଉଛି।

ପୋଖରୀକୁ ବିମାନ ନେଇ ଯାତ୍ରା କରିଥିଲେ। ଚାପ ଡଙ୍ଗାରେ ବିଜେ ପ୍ରତିମା ଓ ମହାଲକ୍ଷ୍ମୀଙ୍କୁ ଉପବେସନ କରାଯାଇ ପୁଷ୍କରଣୀ ମଝିରେ ଥିବା ଚନ୍ଦନତାଲାକୁ ନିଆଯାଇଥିଲା। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଚନ୍ଦନକୁଣ୍ଡରେ ଶ୍ରୀଜୀଉଙ୍କୁ ବିଧି ମୁତାବକ ଜଳାଭରଣ କରାଯାଇଥିଲା। ସନ୍ଧ୍ୟାରେ ଚାପ ଖେଳ ହୋଇଥିଲା। ଏହି ଚାପ ଖେଳ ଦେଖିବା ପାଇଁ ପୁଷ୍କରଣୀ ନିକଟରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

## ପୋଡ଼ିଯାଇଥିବା ଯୁବକ ମୃତ

**ନାଉଗାଁ,୧୦।୫ (ସୁଧା ବେହୁରା)**

■ସ୍ୱାମୀଙ୍କୁ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଛି

■ମୃତକଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି ଅଭିଯୁକ୍ତ

ନିଆଁରେ ପୋଡି ହୋଇ ଗୁରୁତର ଥିବା ନାଉଗାଁ ଥାନା ଅନ୍ତର୍ଗତ ରୋହିଆ ଗ୍ରାମର କମଳ ଲୋଚନ ମହାନ୍ତି ମେ'୧ରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଉଗାଁ ଥାନା ଅନ୍ତର୍ଗତ ରୋହିଆ ଗ୍ରାମର କମଳ ଲୋଚନ ମହାନ୍ତି। ଅପରପକ୍ଷେ ସ୍ୱାମୀଙ୍କୁ ପୋଡି ଦିଆଯାଇଛି ବୋଲି ମୃତକଙ୍କ ସ୍ତ୍ରୀ ପୁଷ୍ପଲତା ୬ମେ'ରୁ ଥାନାରେ ଅଭିଯୋଗ କରିଛନ୍ତି। ପୁଷ୍ପଲତାଙ୍କ ଅଭିଯୋଗ ମୁତାବକ, ସେ ବାପ ଘରକୁ ଯାଇଥିଲେ। ମେ ୧ରେ ସ୍ୱାମୀ ପୋଡିଯାଇଥିବା ଖବରପାଇ ପୁଷ୍ପଲତା ତାଙ୍କୁ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଭେଟିଥିଲେ। ସେଠାରେ କମଳ ତାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। କମଳଙ୍କ କହିବାନୁଯାୟୀ, ରୋହିଆ ଗ୍ରାମରେ ଦୋକାନ କରିଥିବା ସନ୍ତୋଷ ରାଉତ ତାଙ୍କ ଠାରୁ ୪ ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲେ। ଉକ୍ତ ଟଙ୍କା ନେବା ପାଇଁ କମଳ ଘଟଣା ଦିନ ତାଙ୍କ ଦୋକାନକୁ ଯାଇଥିଲେ। ଏହି ସମୟରେ ସନ୍ତୋଷ ତାଙ୍କ ଉକ୍ତ ଦୋକାନ ଘରେ ପୂରାଇ ନିଆଁ ଲଗାଇ ଦେଇଥିଲେ। ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ସେ ଅତି କଷ୍ଟରେ ଦୋକାନ ଘରୁ ବାହାରି ଥିଲେ। ଗାଁ ଲୋକଙ୍କ ସହାୟତାରେ ପ୍ରଥମେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ପହଞ୍ଚିଥିଲେ। ଅପରପକ୍ଷେ ସନ୍ତୋଷ ରାଉତ ଏସଂକ୍ରାନ୍ତରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ରୋହିଆ ଗ୍ରାମରେ ଥିବା ତାଙ୍କ ଗ୍ରୋସରୀ ଦୋକାନରେ ମେ'୧ ତାରିଖରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ଖବରପାଇ ସେ ଦୋକାନରେ ପହଞ୍ଚି ନାଉଗାଁ ଦମକଳ ବାହିନୀକୁ ଡକାଇ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତବେଳକୁ ସବୁ ପୋଡିଯାଇଥିଲା। ଏହି ଅଗ୍ନିକାଣ୍ଡରେ ତାଙ୍କର ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ସେ ଅଭିଯୋଗରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଘଟଣା ଦିନ ସେ, କମଳ ଓ ଦେବାଶିଷ ମିଶି ପୁରୀ ଯାଇଥିଲେ। ପୁରୀରୁ ଫେରିବା ବାଟରେ କମଳଙ୍କ ସହ ସନ୍ତୋଷଙ୍କ ତର୍କ ହୋଇଥିଲା। ଏନେଇ ସନ୍ତୋଷଙ୍କ ଦୋକାନ ପୋଡିଦେବେ ବୋଲି କମଳ ଧମକ ଦେଇଥିଲେ। ସନ୍ତୋଷଙ୍କ ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ ମାମଲା (ନଂ. ୧୨୨/୨୪) ଓ ପୁଷ୍ପଲତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନ ପକ୍ଷରୁ ମାମଲା (ନଂ. ୧୨୩/୨୪) ରୁଜୁ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରି ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି।

## ହୃଦ୍‌ଘାତରେ ଡାକ୍ତରଙ୍କ ସ୍ତ୍ରୀଙ୍କ ପରଲୋକ



**ରଘୁନାଥପୁର,୧୦।୫(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଅଞ୍ଚଳର ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ରାଜକିଶୋର ବରାଳଙ୍କ ସ୍ତ୍ରୀ ଶକୁନ୍ତଳା ବରାଳ(୭୪)ଙ୍କ ଗୁରୁବାର ଅପରାହ୍ନରେ ଜଗନ୍ନାଥପୁରସ୍ଥିତ ବାସଭବନରେ ହୃଦ୍‌ଘାତ ହୋଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ଖବରପାଇ ପ୍ରଭାକର ଖଟୁଆ, ନିର୍ମଳ ମହାପାତ୍ର, ସରପଞ୍ଚ ଅନାଦି ଚରଣ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପରେ ବାସଭବନରୁ ଶକୁନ୍ତଳାଙ୍କୁ ଡା. ବରାଳଙ୍କ ନିଜ ଗ୍ରାମ କଣ୍ଟିଆରକୁ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ସିତାଂଶୁ ଶେଖର ମୁଖାଗ୍ନି ଦେଇଥିଲେ।

## ଜିଲାସ୍ତରୀୟ ଜୟଦେବ ଜୟନ୍ତୀ ପାଳିତ

**ଜଗତ୍‌ସିଂହପୁର, ୧୦।୫(ପ୍ରମୋଦ କୁମାର ନାୟକ)**

ରାଧା ଓ କୃଷ୍ଣଙ୍କ ଅପୂର୍ବ ପ୍ରେମ ସମ୍ପର୍କକୁ ନେଇ କବି ଜୟଦେବ ଗୀତଗୋବିନ୍ଦ ରଚନା କରିଛନ୍ତି। ସଂସ୍କୃତରେ ଲିଖିତ ତାଙ୍କ ଏହି କାବ୍ୟରେ ଯେଉଁଭଳି ବର୍ଣ୍ଣନା କରାଯାଇଛି ତାର ପଟାନ୍ତର ନାହିଁ। ଭକ୍ତି, ପ୍ରେମ, ତାଳ, ଲୟ ଓ ଛନ୍ଦରେ ଭରପୂର ଗୀତଗୋବିନ୍ଦ କେବଳ ଓଡ଼ିଶାରେ ନୁହେଁ, ସାରା ପୃଥିବୀରେ ଆଦୃତ। ଏହି ମହାନ କବିଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟ ସରକାର ରାଜ୍ୟବ୍ୟାପୀ ଜୟଦେବ ଜୟନ୍ତୀ ସମାରୋହର ଆୟୋଜନ କରୁଛନ୍ତି। ୨୦୨୪ ନିର୍ବାଚନ ପାଇଁ କଟକଣା ଥିବାରୁ କେବଳ ଔପଚାରିକତା ପୂରଣ ପାଇଁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଜୟଦେବ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଦୀଲିପ କୁମାର ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଓ ସହକାରୀ ଜିଲାପାଳ ପ୍ରତାପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ କେବଳ ଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ତାଙ୍କ ଜୟନ୍ତୀ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ବିଭାଗ ସେକ୍ସନ ଅଫିସର କବିତା ମୁର୍ମୁ, ସ୍ୱଳ୍ପ ସଞ୍ଚୟ ବିଭାଗ ସାରଦା ପ୍ରସନ୍ନ ସାହୁ, ଝଲକ ଷଡ଼ଙ୍ଗୀ, ସୁରେନ୍ଦ୍ର ମଲ୍ଲିକ, ରାଧାମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଜୟଦେବ ଜୟନ୍ତୀ ପାଳନ ଅବସରରେ ଜିଲା ସଂସ୍କୃତି ଅଧିକାରୀ ଓ ଅନ୍ୟମାନେ।

## କୃଷି ବିନା ଦେଶର ପ୍ରଗତି ଅସମ୍ଭବ

### ଜିଲା କୃଷକ ସଙ୍ଗଠନ ପକ୍ଷରୁ ଅଖିମୁଠି ଅନୁକୂଳ

**ରଘୁନାଥପୁର,୧୦।୫(ରାଜେନ୍ଦ୍ର ନାରାୟଣ ସିଂହ)**

ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ରଘୁନାଥପୁର ବ୍ଲକ କୋରକେରାସ୍ଥିତ ପଣ୍ଡୁଆଠାରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅକ୍ଷୟ ତୃତୀୟା ଅବସରରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣଙ୍କ ଦ୍ୱାରା ଭୂମି ଶୋଧନ ଓ ପୂଜାର୍ଚ୍ଚନା ପରେ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ପାରମ୍ପରିକ ପଦ୍ଧତିକୁ ଅନୁସରଣ କରି ହଳଲଙ୍ଗଳ ଜରିଆରେ କ୍ଷେତରେ ଧାନବିହନ ଅନୁକୂଳ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ପବିତ୍ର ଅକ୍ଷୟ ତୃତୀୟାରେ ଧରିତ୍ରୀ ମାତାଙ୍କ ସହ କୃଷକଙ୍କ ଚିରନ୍ତନ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା କହିଥିଲେ, ଏହି ପୁଣ୍ୟତିଥିରେ ମାଟି ମା'କୁ ସମ୍ମାନ ଜଣାଇ ଚାଷୀ ଚାଷକାର୍ଯ୍ୟ ଆରମ୍ଭ


ଜଗତ୍‌ସିଂପୁର ଜିଲା କୃଷକ ସଙ୍ଗଠନର ସଦସ୍ୟମାନେ ଅଖିମୁଠି ଅନୁକୂଳ କରୁଛନ୍ତି।

କରିଥାଏ। ଏହି ଅବସରରେ ସମ୍ପାଦକ ଇଂ. ଜେନା କୃଷି ବିନା ଦେଶର ପ୍ରଗତି ଅସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥିଭାବେ ସାରଦା ପ୍ରସାଦ ରାୟ, ବିନୋଦ ବିହାରୀ ମହାନ୍ତି, ଅଭୟ ସାମନ୍ତରାୟ ଓ ହରି ସ୍ୱାଇଁ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିପିନ ସ୍ୱାଇଁ, ବୈଷ୍ଣବ ଗାୟା, ବସନ୍ତ ପାତ୍ର, ରାଜେଶ ସ୍ୱାଇଁ, ରଞ୍ଜନ ରାଉତ, ନିର୍ମଳ ଦାସ, ପ୍ରକାଶ ରାଉତ, ସୁକାନ୍ତ ଦାସ ଓ ସଞ୍ଜୟ ବିଶ୍ୱାଳଙ୍କ ସହ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଯୋଗଦେଇଥିଲେ।

# ରାସ୍ତାକଡ଼ରୁ ଗଛ କାଟିବା ପରେ ଚାପା ଉତ୍ତେଜନା

ନୟାଗଡ଼,୧୦।୫(ଲୋକନାଥ ମିଶ୍ର)

- ଜିଲାପାଳଙ୍କୁ ପରିବେଶବିତ୍‌ଙ୍କ ଫେରାଦ୍ କାଟୁ କଲାନି
- କିଛିଦିନର ନୀରବତା ପରେ ଗଛ କାଟିଲେ ଠିକାଦାର
- ବୈଜ୍ଞାନିକ ପଦ୍ଧତିରେ ଦିଆଗଲାନି ଗଛକୁ ସୁରକ୍ଷା

ନୟାଗଡ଼–ଭଞ୍ଜନଗର ୨୧ନଂ. ରାଜ୍ୟ ରାଜପଥର ନୟାଗଡ଼ କଲେଜ ରୋଡ୍‌ଠାରୁ ଭାୟା ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ଦେଇ ନୟାଗଡ଼ ପୁରୁଣା ସହରର ୫୭ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଭିଆଇପି ରୋଡ୍‌ର କାର୍ଯ୍ୟ ଧିମେଇ ଧିମେଇ ଚାଲୁରହିଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପିଟିଏସ୍ ରୋଡ୍‌ରୁ ଡିଆଁପଡ଼ା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଗଛ କଟା ପରେ ପରିବେଶବିତ୍‌ମାନେ ଗତ ମାର୍ଚ୍ଚରେ ପ୍ରତିବାଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରିକି ଗଛକଟାକୁ ବିରୋଧ କରି ଜିଲାପାଳ, ଡିଏଫ୍‌ଓ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜିଲା ପରିଷଦ ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀ, ପରିବେଶ ମନ୍ତ୍ରୀ ଓ ଗ୍ରୀନ୍ ଟ୍ରିବ୍ୟୁନାଲ ପୂର୍ବାଞ୍ଚଳ ଶାଖାଙ୍କୁ ଫେରାଦ୍ ହୋଇଥିଲେ। କିଛିଦିନର ନୀରବତା ପରେ ପୁଣି ମେ' ୧୦ରେ ଗଛକଟା ଆରମ୍ଭ ହୋଇଛି। ପରିବେଶବିତ୍‌ଙ୍କର ଯୁକ୍ତି ରାସ୍ତା ପ୍ରଶସ୍ତୀକରଣ କରାଯାଉ। ହେଲେ ଗଛ କଟା ନ ଯାଉ। ଯେଉଁଠାରେ ଗଛ ରାସ୍ତାକୁ ଅବରୋଧ କରୁଛି ସେଠାରେ ବୈଜ୍ଞାନିକ ପଦ୍ଧତିର ବ୍ୟବହାର କରାଯାଇ ଗଛକୁ ସୁରକ୍ଷା ଦିଆଯାଉ। ଗଛ ସୁରକ୍ଷିତ ହେଲାପରେ ରାସ୍ତା ନିର୍ମାଣ ହେଉ। ତେବେ ବୈଜ୍ଞାନିକ ପଦ୍ଧତି ନ ଆପଣେଇ ଠିକାଦାର ରାସ୍ତାର ଦୁଇପାର୍ଶ୍ୱରୁ ଗଛକଟା ପୁଣି ଆରମ୍ଭ କରିଥିବାରୁ ଜୋର୍‌ଦାର ବିରୋଧ ଆରମ୍ଭ ହୋଇଛି। ଏ ନେଇ ପରିବେଶବିତ୍ ଓ ସାମାଜିକ କର୍ମୀ ସ୍ୱାମୀ ହରିଶରଣ ମହାରାଜ, ସୁକାନ୍ତ


ରାସ୍ତା ପାର୍ଶ୍ୱରୁ ଗଛକାଟିବାକୁ ନେଇ ଲୋକେ ବିରୋଧ କରୁଛନ୍ତି।

ଚୌଧୁରୀ, ଦାମୋଦର ସାହୁ, ପ୍ରକାଶ କୁମାର ପ୍ରଧାନ, ଅନାଦି ଚରଣ ମହାପାତ୍ର କୁହନ୍ତି, ଆମର ଅନୁରୋଧକୁ ପ୍ରଶାସନ ରଖିଲାନି। ରାସ୍ତାକଡ଼ରୁ ଖରାଦିନେ ପୁଣି ଅକ୍ଷୟ ତୃତୀୟାରେ ଗଛକଟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗଛ କଟା ହୋଇଛି। ଆଗକୁ ଏହା ବଢ଼ିବ ବୋଲି ଜଣାପଡ଼ିଛି। ଏଣୁ ଆମେ ପରିବେଶବିତ୍‌ମାନେ ଏକାଠି ହୋଇଛୁ। ଖୁବ୍‌ଶୀଘ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବୁ ବୋଲି କହିଛନ୍ତି।

# ରଣପୁରରେ ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା

ରଣପୁର,୧୦।୫
(ସୁକାନ୍ତ କିଶୋର ଡାକୁଆ)

ରଣପୁର ଜଗନ୍ନାଥ ମନ୍ଦିର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ହୋଇଥିଲା ବେଳେ ଏହି ମନ୍ଦିରରେ ଠାକୁରମାନଙ୍କର ବରମାସରେ ତେର ପର୍ବ ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ। ମନ୍ଦିରରେ ଥିବା ଦୋଳ ଗୋବିନ୍ଦ ସହିତ ପଞ୍ଚୁମହାଦେବ ବଧିପୋଖରୀରେ ଅକ୍ଷୟ ତୃତୀୟଠାରୁ ଆରମ୍ଭ ହେଇଥିବା ଏହି ଜଳ କ୍ରୀଡ଼ାକୁ ଚନ୍ଦନ ଯାତ୍ରା ବୋଲି କୁହାଯାଏ। ଏହି ଯାତ୍ରା ୨୧ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଶୁକ୍ରବାର ଜଗନ୍ନାଥ ମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଠାକୁରଙ୍କ ଆଜ୍ଞାମାଳ ଅଣାଯାଇ ବିମନରେ ଠାକୁରମାନେ ବିଜେ ହୋଇଥିଲେ। ଘଣ୍ଟା, କାହାଳି, ବାଜା, ଛତା ଏବଂ ସେବାୟତଙ୍କ ଗ୍ରହଣରେ ବିମାନରେ ରଥ ଖଳା ନିକଟରେ ପହଞ୍ଚି ଥିଲେ। ସେଠାରେ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସେଠାରୁ ଠାକୁରମାନେ ଚନ୍ଦନ ଯାତ୍ରା ଲାଗି ବଧି ପୁଷ୍କରଣୀ ଅଭିମୁଖେ ଯାତ୍ରା କରିଥିଲେ। ଠାକୁରମାନଙ୍କ ଜଳ କ୍ରୀଡା ବୈଶାଖ ମାସର ଅସହ୍ୟ ରୌଦ୍ର ତାପ ଠାକୁର ମନକୁ ପ୍ରଭାବିତ କରୁଥାଏ। ଏଥିରୁ ରକ୍ଷା ପାଇବା ପାଇ ଠାକୁରମାନେ ଜଳ କ୍ରୀଡା କରିବାର ପରମ୍ପରା କେଉଁ ଆବାହନ କାଳରୁ ରହିଛି। ଚନ୍ଦନ ଯାତ୍ରା ସମୟରେ ଶ୍ରୀଜୀଉମାନେ ବଧି ପୋଖରୀରେ ଡଙ୍ଗାରେ ଚାପ ଖେଳିବା ପରମ୍ପରା ରହିଛି। ଏହି ତିଥିଠାରୁ ଶ୍ରୀବିଗ୍ରହମାନେ ଏକ ବିଶାଳ ପାରମ୍ପାରିକ ପଟୁଆରରେ ଜଗନ୍ନାଥ ମନ୍ଦିରଠାରୁ ବାହାରି ବଧି ପୁଷ୍କିରଣୀରେ ବିଜେ କରି ଚାପ ଖେଳିଥାନ୍ତି। ପରେ ବଧି ପୁଷ୍କରଣୀ ସୁସଜିତ ହୋଇ ରହିଥିବା ଏକ ଡ଼ଙ୍ଗାରେ ଠାକୁରମାନେ ଚାପ ଖେଳିଥାନ୍ତି। ସେଠାରେ ନୀତିକାନ୍ତି କରାଯାଇ ଠାକୁରମାନଙ୍କୁ ଜଗତି ଉପରେ ବିଜେ କରାଯାଇ ଜଳ ଲାଗି କରାଯାଇଥିଲା। ଜଳ ଲାଗି ପାରେ ଠାକୁରମାନକୁ ଫୁଲ ସଦା ବେଶ କରାଯାଇ ଶୀତଳ ମଣୋହି ପରେ ଉପଚାରରେ ପୂଜା କାରିଥାନ୍ତି ଏହାପରେ ଠାକୁର ମାନଙ୍କୁ ବିଭିନ୍ନ ବେଶ ହୋଇ ପୁଣି ଏକ ଡ଼ଙ୍ଗାରେ ଚାପ କ୍ରୀଡା କରିଥାନ୍ତି ଏହା ଦେଖିବା ପାଇ ରାତ୍ରରେ ଆଖ ପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ମଣ୍ଡପରେ ଠାକୁରମାନେ ପୂଜାର୍ଚ୍ଚନା ପରେ ମନ୍ଦିରକୁ ଫେରିଯିବେ ୨୧ ଦିନ ମଣ୍ଡପରେ ପୂଜା ପାଇଲା ପରେ ଜଗନ୍ନାଥ ମନ୍ଦିରରେ ବିଜେ କରିବେ।

## ସଂକ୍ଷେପରେ

### ରଥର ନୂଆ ଚକ, ଅଖ ଦିଆଗଲା ଶୁଭ

#### ଚନ୍ଦନଯାତ୍ରାରେ ଚାପ ଖେଳିଲେ ନୟାଗଡ଼ର ଜଗନ୍ନାଥ

ନୟାଗଡ,୧୦।୫(ଲୋକନାଥ ମିଶ୍ର) ନୟାଗଡ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ପାଇଁ ସନ୍ଧ୍ୟା ୫ଟାରେ ଅକ୍ଷୟ ତୃତୀୟାରେ ଆରମ୍ଭ ହୋଇଛି ରଥ ନିର୍ମାଣ। ରଥର ନୂଆ ଚକ ଓ ଅଖର ଶୁଭ ଦିଆଯାଇଛି। ସେହିପରି ନୟାଗଡ଼ରେ ଆରମ୍ଭ ହୋଇଛି ଚନ୍ଦନ ଯାତ୍ରା। ସନ୍ଧ୍ୟା ସାଢ଼େ ୬ଟାରେ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମଦନମୋହନ ସାଗର ପୋଖରୀରେ ଯାଇ ଚାପ ଖେଳିଥିଲେ। ରାତି ସାଢ଼େ ୯ଟାରେ ପୁଣି ଚାପ ଖେଳି ଶ୍ରୀମନ୍ଦିରକୁ ଫେରିଲେ।

### ପାଇପ ଚୋରି କରି ଜେଲ ଗଲେ ଯୁବକ

ନୟାଗଡ଼,୧୦।୫(ଲୋକନାଥ ମିଶ୍ର) ପାଇପ ଚୋରି ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ କଇଥଗାଡିଆ ଜଗନ୍ନାଥ ବେହେରା(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜଗନ୍ନାଥଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଲେଙ୍କୁଡିପଡ଼ା ଗାଁର ସଞ୍ଜୟ ପ୍ରଧାନଙ୍କ ଅଭିଯୋଗ ଅନୁସାରେ, ନିଜ ଘରେ କିଛି ଲୁହା ପାଇପ ରଖିଥିଲେ। ୭ ତାରିଖ ରାତିରେ କେହି ପାଇପ ଚୋରାଇ ନେଇଥିଲା। ତେବେ ସିସିଟିଭିରେ ଚୋରି ସମ୍ପର୍କରେ କଏଦ ହୋଇଥିଲା। ଚୋର ଅଟୋ ଯୋଗେ ପାଇପ ନେଇଥିବା ଦେଖିବାକୁ ମିଳିଥିଲା। ପୋଲିସ ଅଟୋ ନଂ.କୁ ଅନୁଧ୍ୟାନ କରି ନଂ. ୧୬୩/୨୪ରେ ମାମଲା ରୁଜୁ କରିବା ସହ କଇଥଗାଡିଆ ଗାଁର ଜଗନ୍ନାଥ ବେହେରାଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ଜଗନ୍ନାଥ ଚୋରି କରିବା ସ୍ୱୀକାର କରିବା ସହ ଚୋରି ଲୁହା ପାଇପ ଫେରାଇ ଥିଲେ।

# ରାବଣ ବଧ ପରେ ରାମଚନ୍ଦ୍ରଙ୍କ ରାଜାଭିଷେକ


ରାମଲୀଳା ଶେଷରେ ରାମଚନ୍ଦ୍ରଙ୍କ ରାଜାଭିଷେକ।

ଖଣ୍ଡପଡ଼ା,୧୦।୫(ଅଜୟ କୁମାର ମହାରଣା)

## କଣ୍ଟିଲୋ ରାମଲୀଳା ପରମ୍ପରା

ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ କୃଷ୍ଣେଶ୍ୱରପାଟଣା, ଥୋଡିଆସାହିଗ୍ରାମର ଶ୍ରୀରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବର ବୁଧବାର ଥିଲା ଅନ୍ତିମ ଦିବସ। ସୀତା ଠାକୁରାଣୀଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ। ରାବଣଙ୍କ ବଂଶଧରଙ୍କ ମୃତ୍ୟୁ ସହଜ ନୁହେଁ ବୋଲି ରାମ ଲକ୍ଷ୍ମଣ ଜାଣି ପାରିଥିଲେ। ତେଣୁ ରାବଣଙ୍କ ଭାଇ ବୀଭିଷଣଙ୍କ ନିକଟରୁ ମୃତ୍ୟୁର ଉପାୟ ସଂପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କ ସହିତ ଭାଇ, ପୁତ୍ର ଓ ସହଦୋରଙ୍କୁ ନିପାତ କରିଥିଲେ। ରାମଲୀଳା ନାଟକର ଉଦ୍‌ଯାପନୀ ରାତିରେ ରାବଣଙ୍କୁ ବଧ କରି ଅଶୋକ ବାଟିକାରୁ ସୀତାଙ୍କୁ ଉଦ୍ଧାର କରିଥିଲେ। ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇ ସ୍ତ୍ରୀ ଓ ଭାଇଙ୍କ ସହ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିଥିଲେ। ସେଠାରେ ରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଶ୍ରୀରାମ, ସ୍ତ୍ରୀ ସୀତା, ଅନୁଜ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ହନୁମାନ, ବିଭୀଷଣ ସହିତ ଅଭିଷେକ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଅନ୍ତିମ ରାତିରେ ଆଳତି, ହୋମ, ପୂର୍ବରୁ ବିଧି ପୂର୍ବକ ରତ୍ନବେଦୀ ଉପରେ ସିଂହାସନ ସ୍ଥାପନ କରାଯାଇ ଅଭିଷେକ କରାଯାଇଥିଲା। ଏହି ରାମଲୀଳା ନାଟକ ଉପଭୋଗ କରିବାକୁ ଶ୍ରଦ୍ଧାଳୁ ଗୁରୁବାର ସକାଳ ପର୍ଯ୍ୟନ୍ତ ସମାଗମ ହୋଇଥିଲେ। ଉଦ୍‌ଯାପନୀ ରାତ୍ରର ମଞ୍ଚସ୍ଥ ନାଟକରେ ରାମ, ଲକ୍ଷ୍ମଣ, ସୀତା, ଭରତ ଓ ଶତୃଘ୍ନ ଭୂମିକାରେ ଯଥାକ୍ରମେ ସନ୍ଦିପ, ରାଜା, ଚନ୍ଦ, ନିଖିଲ ଓ ଓମ୍ ପଣ୍ଡା ଅଭିନୟ କରିଥିବା ବେଳେ ହନୁମାନ, ବିଭୀଷଣ, ରାବଣ, ଠୁଳଜଘଂ ଓ ବୀରବାହୁ ଭୂମିକାରେ ଯଥାକ୍ରମେ ନିରଞ୍ଜନ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ସାହୁ, ପ୍ରଦୀପ କୁମାର ମହାରଣା, ଜିତୁ ବେହେରା, ତପନ ଓ ପ୍ରତାପ ମହାରଣା ପ୍ରମୁଖ ଅଭିନୟ କରିଥିଲେ।

ନୟାଗଡ ଜିଲା କଣ୍ଟିଲୋରେ ଦୀର୍ଘବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରା ଏବେ ବୁଡି ଯିବାକୁ ବସିଛି। କେବଳ ପରମ୍ପରାକୁ ବଞ୍ଚାଇବାକୁ ବାଧ ବାଧକତାରେ ଚାଲିଛି ଏହି ଲୀଳା। ଅବ୍ୟବସ୍ଥା, ସମସ୍ୟା, ଅର୍ଥାଭାବ ଆଦି ଏହି ପରମ୍ପରାକୁ ବଞ୍ଚାଇ ରଖିବାରେ ବାଧକ ସାଜିଛି ବୋଲି ରଘୁନାଥ ନାଟ୍ୟ ସମିତିର ସଭାପତି ସଚ୍ଚିଦାନନ୍ଦ ଦାଶ, ଗ୍ରାମ ଶୃଙ୍ଖଳା କମିଟିର ସଭାପତି ବନମାଳୀ ଦାଶ ଓ ବିଶିଷ୍ଟ ରାମଲୀଳା କଳାକାର ଲକ୍ଷ୍ମଣ ବାରିକ ପ୍ରମୁଖ ପ୍ରକାଶ କରିଛନ୍ତି।

## ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ

ଦଶପଲ୍ଲା ୧୦।୫
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳର ସାତପାଟଣା ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଥମ ଥର ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଠାକୁରଙ୍କ ପୂଜା ପରେ ଆଜ୍ଞା ରଥ ଖଳାକୁ ପଟୁଆରେ ଆସିଥିଲେ। ପୂଜାରୀ ଗୋପୀନାଥ ପଣ୍ଡା ଓ ବିଶ୍ୱକର୍ମା ପ୍ରଫୁଲ୍ଲ କୁମାର ମହାରଣା ପୂଜାର୍ଚ୍ଚନା କରିଥିଲେ। ପରିବେଶ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା। କମିଟି ସଭାପତି ସୁନୀଲ କୁମାର ଅଗ୍ରୱାଲଙ୍କ ଦ୍ୱାରା ସଭା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ବହୁ ଜଗନ୍ନାଥ ପ୍ରେମୀ ଭକ୍ତ ଓ ମା' ମାନେ ଯୋଗ ଦେଇଥିଲେ। ଚଳିତବର୍ଷ କିପରି ସୁନ୍ଦର ଓ ଆକର୍ଷଣୀୟ ରଥ ଯାତ୍ରା ହୋଇପାରିବ ସମସ୍ତେ ମତ ପ୍ରଦାନ କରିଥିଲେ। ସଭାରେ କୋଷାଧ୍ୟକ୍ଷ ମାଧବ ଚନ୍ଦ୍ର ପୃଷ୍ଟି, ଉପସଭାପତି ଦିବାକର ସାହୁ, ଉପଦେଷ୍ଟା ବିନୋଦ ବିହାରୀ ସାହୁ, ତାରାକାନ୍ତ ସାହୁ, ଦଣ୍ଡପାଣି ସାହୁ, ବିଭିନ୍ନ ଗ୍ରାମ୍ୟ କମିଟି ସଭାପତି ଭଗବାନ ବେହେରା, ରମେଶ ଚନ୍ଦ୍ର ସାହୁ, ଉପେନ୍ଦ୍ର ବେହେରା, ବଜେନ୍ଦ୍ର ବେହେରା, ମନୋଜ ସାହୁ, ପ୍ରବୀର୍ ସାହୁ, ସୁରେଶ ପାତ୍ର ଓ ନାରାୟଣ ପାତ୍ର ଉପସ୍ଥିତ ଥିଲେ। ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା ପରିଚାଳନା କରିଥିବା ସମୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋପୀନାଥ ସାହୁ ଧନ୍ୟବାଦ୍ ପ୍ରଧାନ କରିଥିଲେ। ଏଥିରେ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ଖଣ୍ଡପଡ଼ା,୧୦।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଭାପୁର ବ୍ଲକ ପଥରଚକଡ଼ା ପଞ୍ଚାୟତ ଅନ୍ତର୍ଗତ ମହାନଦୀ ତଟରେ ଅବସ୍ଥିତ ମାଧପୁର ଯଜ୍ଞପଦା(କୁଲାବ ଗାଦି) ରାମାଶ୍ରମ ପୀଠରେ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ୩ ଦିନ ବ୍ୟାପୀ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଉକ୍ତ ଯଜ୍ଞ ମାଧପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି। ଗୁରୁବାର ଅଙ୍କୁରାରୋଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଶୁକ୍ରବାର ଅଧିବାସରେ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ କଣ୍ଟିଲୋ ମହାନଦୀ ଘାଟରୁ ପୂଜାର୍ଚ୍ଚନା ପରେ କଳସରେ ଜଳ ସଂଗ୍ରହକରି ଶୋଭାଯାତ୍ରାରେ କଣ୍ଟିଲୋ, ପଥରଚକଡା, ମାଧପୁର ଆଦି ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ କଳସ ସ୍ଥାପନ କରିଥିଲେ। ଶନିବାର ସକାଳ ୬ଟାରେ ସୂର୍ଯ୍ୟପୂଜା, ୭ଟାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ୭ଟାରୁ ୯ଟା ମଧ୍ୟରେ ରୁଦ୍ରାଭିଷେକ, ସକାଳ ୯ଟାରୁ ଶାଳାମଣ୍ଡପ ସଂସ୍କାର, ଆବାହିତ ସେବାମଣ୍ଡଳୀ ପୂଜନ, ଅଗ୍ନି ସ୍ଥାପନ ଓ ଯଜ୍ଞକାର୍ଯ୍ୟର ଶୁଭାରମ୍ଭ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ସନ୍ଧ୍ୟାଆରତି ଓ ସନ୍ଧ୍ୟାଧୂପ ପରେ ଭାଗବତ ଗୋଷ୍ଠୀ ସମ୍ମିଳନୀ ଓ ରାତ୍ରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ। ବିଶେଷକରି ୩ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବ।


ମହିଳାମାନେ କଳସଯାତ୍ରାରେ ଯାଉଛନ୍ତି।

# ଜମିରେ ଅଖିମୁଠି ଅନୁକୂଳ

ଖଣ୍ଡପଡ଼ା,୧୦।୫
(ଅଜୟ କୁମାର ମହାରଣା)

ଚାଷ ପାଇଁ ଶୁଭ ଅନୁକୂଳ ତିଥି ହେଉଛି ଅକ୍ଷୟ ତୃତୀୟା। ଶୁକ୍ରବାର ଅକ୍ଷୟ ତୃତୀୟା ଅବସରରେ ଖଣ୍ଡପଡ଼ା ଅଞ୍ଚଳର ଚାଷୀ ପ୍ରାତଃ ସମୟରେ ଅଖି ମୁଠି ଅନୁକୂଳ କରିଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ନିଜସ୍ୱ ଚାଷ ଜମି ଥିବା କୃଷକମାନେ ଭୋରରୁ ନୂତନ ବସ୍ତ୍ର ପରିଧାନ କରି ଓଳିଆରୁ ଶୁକ୍ଳ ବର୍ଣ୍ଣ ଧାନ ବାହାର କରି ବାଉଁଶିଆ ବା ଟୋକେଇରେ ଭର୍ତ୍ତି କରିଥିଲେ। ଧାନ ଉପରେ ନଡତି କିମ୍ବା ମାଣ ରଖି ତାହାକୁ ନୂତନ ବସ୍ତ୍ରରେ ଆଚ୍ଛାଦିତ କରି ଚାଷୀମାନେ ଜମିକୁ ଆସିଥିଲେ। ଜମିରେ ଅଖି ମୁଠି ଅନୁକୂଳ କରିବାକୁ ଆସିଥିବା ଚାଷୀମାନେ ଧାନ ବିହନ ସହ ଅଷାଢୁଆ ଫଳ, ତାଳ, ଖଜୁରି, ଗଳି ଗୁଆ, ଦୁବ, ବରକୋଳି ପତ୍ର, ନଡିଆ, କଦଳୀ ଆଦି ଭୋଗ ସାମଗ୍ରୀକୁ ଆଣି ଜମିରେ ମା' ଲକ୍ଷ୍ମୀଙ୍କୁ ପୂଜା କରିବା ପରେ ଜମିର ଈଶାଣ କୋଣରେ ଚାଷ ଅନୁକୂଳ କରିଥିଲେ।

ବଳରାମ ପ୍ରସାଦ ଗ୍ରାମର ଚାଷୀ ସନାତନ ଲେଙ୍କା କହିଛନ୍ତି, ବାପ ଅଜା


ଅଖିମୁଠି ପାଇଁ ଚାଷ ଜମିରେ ପୂଜାର୍ଚ୍ଚନା କରାଯାଉଛି।

ଅମଳରୁ ପରମ୍ପରା ଅନୁସାରେ ଅକ୍ଷୟ ତୃତୀୟାରେ ଅଖି ମୁଠି ଅନୁକୂଳ କରୁଛୁ। ମାତ୍ର ଗାଁ ଗହଳିରେ ଆଉ ହଳ ବଳଦ, ଶଗଡ ଦେଖିବାକୁ ମିଳୁନି। ଚାଷ କାର୍ଯ୍ୟ ପାଇଁ ଆଗରୁ ଯେପରି ଉତ୍ସାହ ଥିଲା ଏବେ ତାହା ନାହିଁ। ଫଳରେ ଏବେ ଚାଷୀ ଆଉ ଚାଷକାମ କରିବାକୁ ମଙ୍ଗୁ ନାହାନ୍ତି। ଚାଷ ଜମି ପଡିଆ ପଡିଲାଣି।

# ଆଶା ଆଶଙ୍କାରେ ଚାଷୀ ପାଳିଲେ ଅକ୍ଷୟ ତୃତୀୟା

ରଣପୁର, ୧୦।୫
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଏନ୍‌ଏସି ଓ ବ୍ଲକର ୩୭ଟି ପଞ୍ଚାୟତ ସହ ଏନ୍‌ଏସିରେ ଶୁକ୍ରବାର ଚାଷୀମାନଙ୍କ ମହାପର୍ବ ଅକ୍ଷୟ ତୃତୀୟା ପାଳନ ହୋଇଯାଇଛି। ଏନ୍‌ଏସି ଓ ବ୍ଲକର ୬୦ ପ୍ରତିଶତ ପରିବାର ଅକ୍ଷୟ ତୃତୀୟା ପାଳନ କରୁଥିବା ବେଳେ ଏହା କେବଳ ପରମ୍ପରା ବଞ୍ଚାଇବାକୁ ପାଳନ କରୁଛୁ ବୋଲି ବହୁ ଚାଷୀ କହିଛନ୍ତି। ଚାଷୀମାନେ ଚାଷ ପ୍ରତି ଦିନକୁ ଦିନ ବିମୁଖ ହେଉଥିବା ଏହାଦ୍ୱାରା ପ୍ରମାଣ ମିଳିଛି।

ଅକ୍ଷୟ ତୃତୀୟାରେ ଚାଷୀମାନେ ସକାଳୁ ସ୍ନାନ ସାରି ଘରେ ଥିବା ଧାନ ବିହନ, କୋଦାଳ, ଗୌଣି, କଉଡି, ପଇସା, ଗୋଟା ଗୁଆ, ଭୋଗ, ଧୂପ ଧରି ଚାଷଜମିରେ ପହଞ୍ଚି ପ୍ରଥମେ ଗୋଟିଏ କୋଣରେ ମାଟି ଖୋଳି ଧାନ, ପଇସା ଓ କଉଡ଼ିକୁ ପୋତିଥାନ୍ତି। ପରେ ସେହି ସ୍ଥାନରେ ଗୁଆ ବସାଇ ଧୂପ ଓ ଫୁଲ ଦେଇ ପୂଜା କରିଥାନ୍ତି। ଅକ୍ଷୟ ତୃତୀୟାଠାରୁ ଚାଷକାର୍ଯ୍ୟ ଆରମ୍ଭ ହେବାର ବିଧି ରହିଛି। ହେଲେ ଗତବର୍ଷ ଯେଉଁ ପରିମାଣରେ ବର୍ଷା


ଜଣେ ଚାଷୀ ଅଖିମୁଠି ଅନୁକୂଳ ପାଇଁ ଟୋକେଇରେ ବିହନ ନେଇ ଜମିକୁ ଯାଉଛନ୍ତି।

ହୋଇଛି ତାହାଦ୍ୱାରା ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହାକୁ ନେଇ ଚାଷୀକୁଳ ଏବେ ଆଶା ଆଶଙ୍କାରେ ଏହାକୁ ପାଳନ କରୁଥିବା ପ୍ରକାଶ କରିଛନ୍ତି। ଏହି ଏନ୍‌ଏସି ଏବଂ ବ୍ଲକର ୩୭ ପଞ୍ଚାୟତରେ ୧୯,୯୨୫ ହେକ୍ଟର ଚାଷଜମି ରହିଛି। ସେଥିମଧ୍ୟରୁ ୧୭,୩୨୫ ହେକ୍ଟର ଜମିରେ ଚାଷୀମାନେ ଧାନଚାଷ କରିଥିଲା ବେଳେ ୨୬ ହଜାର ହେକ୍ଟର ଜମିରେ ଅଣ ଧାନଚାଷ କରାଯାଏ। ସେଥିମଧ୍ୟରୁ ବିରି, ମୁଗ, ଆଖୁ, ପନିପରିବା ଉତ୍ପାଦନ ହୋଇଥାଏ। ଚାଷ ଦୃଷ୍ଟିରୁ ଏହି ୩୭ ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରାଯାଏ। ଜଳସେଚିତ, ଅଣଜଳସେଚିତ ଜମି ଥିଲାବେଳେ ଚାଷକାର୍ଯ୍ୟ କେବଳ ବର୍ଷା ପାଣିପାଗ ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। ୧୫ ପ୍ରତିଶତ ଜମି ଜଳସେଚିତ ଥିଲାବେଳେ ଅବଶିଷ୍ଟ ୮୫ ପ୍ରତିଶତ ପାଖାପାଖି କେବଳ ମୌସୁମୀ ବର୍ଷାକୁ ଭରସାକରି ଚାଷୀମାନେ ଚାଷ କରିଥାନ୍ତି। ଚାଷୀଙ୍କ ସମସ୍ୟା ବହୁତ, କିନ୍ତୁ ସମାଧାନ ନାହିଁ। ସରକାରୀ ବିହନ ଠିକ୍ ସମୟରେ ନ ମିଳିବା, ଚାଷୀଙ୍କ ପାଇଁ ଜମିରେ କରାଯାଇଥିବା ବୋରୱେଲଗୁଡ଼ିକ ଠିକ୍‌ଭାବେ କାର୍ଯ୍ୟ ନ କରିବା ଯୋଗୁ ଏହି ଅଞ୍ଚଳରେ ଚାଷକାର୍ଯ୍ୟ ବାରମ୍ବାର ବ୍ୟାଘାତ ହୋଇଥାଏ। ଅପରପକ୍ଷେ ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟା ପାଳନ ପୂର୍ବରୁ ଚାଷୀମାନେ ଅଧିକ ଉତ୍ପାଦନ ନେଇ ଆକଳନ କରିଥାନ୍ତି। ଗତବର୍ଷ ମରୁଡ଼ି, ଲଗାଣ ବର୍ଷାକୁ ଚାଷୀମାନେ ଭୁଲିନାହାନ୍ତି। ଏଣୁ ଏ ବର୍ଷ ମଧ୍ୟ ଅକ୍ଷୟ ତୃତୀୟା ପାଳନ ସମୟରେ ସରକାର ବା ପ୍ରଶାସନକୁ ଦୋଷ ଦେଇ ନୁହେଁ ପରନ୍ତୁ ନିଜ ଭାଗ୍ୟକୁ ନେଇ ଆଶା ଓ ଆଶଙ୍କାରେ ପାଳନ କରୁଛନ୍ତି ଏହି ପର୍ବ।

# ହେଭିୱେଟ୍ ନେତା ବିକଶିତ କେନ୍ଦ୍ରାପଡ଼ାର ସ୍ୱପ୍ନ ଦେଖାଇଲେ













ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର। କଂଗ୍ରେସ ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ। ଅଶୋକ କୁମାର ତ୍ରିପାଠୀ। ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ। ସୌଭାଗ୍ୟ କେତନ ସାମଲ। ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ। ଭାଜପା ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ। ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା। ମନୋଜ କୁମାର ରାଉତ। ପ୍ରାର୍ଥୀ ପ୍ରଜ୍ଞାନ ପ୍ରକାଶ ମହାପାତ୍ର। ସୁପ୍ରଭା ମଲ୍ଲିକ।

**କେନ୍ଦ୍ରାପଡ଼ା, ୧୦।୫(ଜଗନ୍ନାଥ ଧଳ)**

ରାଜ୍ୟ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ପାଇଁ ଶୁକ୍ରବାର ଥିଲା ୪ର୍ଥ ଦିବସ। ଏହି ଦିନରେ କେନ୍ଦ୍ରାପଡ଼ା ଜିଲାର ହେଭିୱେଟ୍ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବା ସହ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ସମର୍ଥକମାନେ ସହର ମଧ୍ୟରେ ରାଲି କରିବା ସହ ସମ୍ଭାବ୍ୟ ବିଜୟକୁ ନେଇ ଜୋର୍‌ଦାର ସ୍ଲୋଗାନ୍ ଦେଇଥିଲେ। ବିଜେଡିର ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବଚରଣ ସାହୁ ସହରର କାଳୀ ମନ୍ଦିରଠାରୁ ଶୋଭାଯାତ୍ରା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ସହରର ଗୋପଠାରୁ ରାଲି ଆରମ୍ଭ କରିଥିଲେ। ଏଥିରେ ବହୁ ସମର୍ଥକ ସାମିଲ ହୋଇଥିଲେ। ପାଟକୁରା ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଡେରାବିଶ ବ୍ଲକସ୍ଥ ଲଛମନଜୀଉ ମନ୍ଦିରରୁ ଶୋଭାଯାତ୍ରାରେ ଆସିଥିଲେ।




ଲୋକ ସଭା ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ବିଜେଡ ପ୍ରାର୍ଥୀ ଅଂଶୁମାନ ମହାନ୍ତି।

ଅପରପକ୍ଷରେ ଭାଜପା ଲୋକ ସଭା ପ୍ରାର୍ଥୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ସହରର ତିନିମୁହାଣୀଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ରାଲିରେ ଆସିଥିଲେ। ଏଥିସହିତ ମହାକାଳପଡ଼ା ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ ପାତ୍ରଗଡ଼ଠାରୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ପାଟକୁରା ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ ଚଁପୁର ଗ୍ରାମରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ।

ଏହି ଅବସରରେ ଭାଜପା ଲୋକ ସଭା ପ୍ରାର୍ଥୀ ପଣ୍ଡା କହିଥିଲେ, ଦେଶରେ ମୋଦି ଲହର ଅଛି। ଲୋକ ସଭାରେ ଦଳୀୟ ସାଂସଦଙ୍କ ସଂଖ୍ୟା ୪୦୦ରୁ ଅଧିକ ନିଶ୍ଚିତ ରହିବ। ଏହି ବିଜୟରେ ଓଡ଼ିଶା ରାଜ୍ୟ ସାମିଲ ହେଉଛି। ନିର୍ବାଚନରେ ଭାଜପା ବିଜୟୀ ହୋଇ ସରକାର ଗଠନ କରିବ। କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସମସ୍ୟାର ସମାଧାନ କରିବେ ବୋଲି ସେ ମତ ଦେଇଛନ୍ତି। ସେହିପରି ବିଜେଡି ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଜିଲାର କୃଷି, କର୍ମନିଯୁକ୍ତି ସହ ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବାକୁ ଗୁରୁତ୍ୱ ଦେବେ କହିଛନ୍ତି। ମହାକାଳପଡ଼ା ପ୍ରାର୍ଥୀ ଅତନୁ କହିଛନ୍ତି, ଉପାନ୍ତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ବିକଶିତ ଓ ପ୍ରାକୃତିକ ବିପର୍ଯ୍ୟୟରୁ ମୁକ୍ତ ମହାକାଳପଡ଼ା ପାଇଁ ସେ କାର୍ଯ୍ୟ କରିବେ।

ରାଜନଗର ପ୍ରାର୍ଥୀ ସାହୁ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ବିକାଶକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱ ଦେଇଛନ୍ତି। ରାଜନଗରର ପ୍ରତ୍ୟେକ ଗ୍ରାମରେ ମୌଳିକ ସୁବିଧା ପହଞ୍ଚାଇବା, ଲୋକଙ୍କୁ କର୍ମନିଯୁକ୍ତି, ମହିଳା ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନା ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଛି। ଏହାବ୍ୟତୀତ ରାଜନଗରର ଉନ୍ନତୀକରଣ ପାଇଁ ସେ ସର୍ବଦା ଚଳଚଞ୍ଚଳ ବୋଲି ମତ ଦେଇଛନ୍ତି। ଅପରପକ୍ଷରେ କଂଗ୍ରେସର ପାଟକୁର ପ୍ରାର୍ଥୀ କାନୁନ୍‌ଗୋ କହିଛନ୍ତି, ରାଜ୍ୟରେ ବିଜେଡି ୨୪ ଓ କେନ୍ଦ୍ରରେ ଭାଜପା ୧୦ ବର୍ଷ ହେବ ଶାସନଗାଦିରେ ଅଛନ୍ତି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ସ୍ଥିତି ରାଜ୍ୟର ୨୬ତମ ସ୍ଥାନରେ ଅଛି। ବିଶେଷ କରି ପାଟକୁରା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ରାସ୍ତା, ପାନୀୟ ଜଳ, କ୍ଷେତକୁ ଜଳ ପରିଚାଳନା ପରି ମୌଳିକ ସୁବିଧାରୁ ବଞ୍ଚିତ କରିଛନ୍ତି। ପାଟକୁରାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ କାର୍ଯ୍ୟ କରିବେ ବୋଲି କାନୁନ୍‌ଗୋ ମତ ଦେଇଛନ୍ତି। ସେହିପରି ଆମ୍ ଆଦ୍‌ମୀ ପାର୍ଟିର ପାଟକୁରା ବିଧାୟକ ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ କହିଛନ୍ତି ଶିକ୍ଷା, ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଏହି ନିର୍ବାଚନରେ ସେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୋହିତ



@ ସରୋଜ



@ ଜୀବନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪ର୍ଥ ଦିନରେ ୧୪ ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ





ରିଟର୍ନିଂ ଅଫିସରଙ୍କ ନିକଟରେ ଜଗତ୍‌ସିଂହପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି, କଂଗ୍ରେସ ପ୍ରାର୍ଥୀ ପ୍ରତିମା ମଲ୍ଲିକ, ପାରାଦୀପ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ





ତିର୍ତ୍ତୋଲ ଭାଜପା ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା, ପାରାଦୀପ ବିଜେଡି ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ ଓ ଜଗତ୍‌ସିଂହପୁର ଲୋକସଭା ପ୍ରାର୍ଥୀ ବିଭୁ ପ୍ରସାଦ ତରାଇଙ୍କ ନାମାଙ୍କନ।

**ଜଗତ୍‌ସିଂହପୁର, ୧୦।୫ (ପ୍ରମୋଦ କୁମାର ନାୟକ)**

**୪ର୍ଥ ପର୍ଯ୍ୟାୟ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା**

୪ର୍ଥ ପର୍ଯ୍ୟାୟ ମତଦାନ ପାଇଁ ଗତ ୭ ତାରିଖରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଛି। ଏହି ଅନୁଯାୟୀ ଶୁକ୍ରବାର ୪ର୍ଥ ଦିନରେ ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ୪ ଓ ଜିଲାର ୪ ବିଧାନସଭା ଆସନ ପାଇଁ ୧୦, ଏହିପରି ମୋଟ ୧୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ଲୋକସଭା ଆସନର ସିପିଆଇ (କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ) ପ୍ରାର୍ଥୀ ରମେଶ ଚନ୍ଦ୍ର ସେଠୀ, ବିଏସ୍‌ପି (ବହୁଜନ ସମାଜ ପାର୍ଟି)ର ବିଭୂତି ଭୂଷଣ ମାଝୀ, ଭାଜପା (ଭାରତୀୟ ଜନତା ପାର୍ଟି)ର ବିଭୁ ପ୍ରସାଦ ତରାଇ ଓ ଏପିଆଇ (ଆମ୍ବେଡକର ପାର୍ଟି ଅଫ ଇଣ୍ଡିଆ)ର ପୀୟୁଷ ଦାସ ଜିଲାପାଳ ତଥା ରିଟର୍ନିଂ ଅଫିସର ଅନୁପମ ଶାହାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ସେହିପରି ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୪ ଜଣ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଲଳିତ ମୋହନ ବେହେରାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଭାଜପାର ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସର ନିରଞ୍ଜନ ନାୟକ, ସିପିଆଇର ଜିନ୍ମୟୀ ସାହାଣୀ ଓ ବିଜେଡିର ଗୀତାଞ୍ଜଳି ରାଉତରାୟ। ତିର୍ତ୍ତୋଲ ବିଧାନସଭା ଆସନ ନିମନ୍ତେ ଭାଜପାର ରାଜକିଶୋର ବେହେରା ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଅଭିମନ୍ୟୁ ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାଲିକୁଦା–ଏରସମା ବିଧାନସଭା ଆସନ ପାଇଁ ଭାଜପାରୁ ସତ୍ୟ ସାରଥି ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଭାବେ ରାକେଶ କୁମାର ବେହେରା ଓ ଶେଷଦେବ ନନ୍ଦ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ସସ୍ମିତ ରାଉତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ପ୍ରତିମା ମଲ୍ଲିକ ଓ ବିଜେଡିର ପ୍ରଶାନ୍ତ ମୁଦୁଲି ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ପ୍ରଦୀପ ସାହୁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ନେତାମାନେ ପୃଥକ୍ ଶୋଭାଯାତ୍ରରେ ଜଗତ୍‌ସିଂହପୁର ସହରରେ ପହଞ୍ଚିଲାବେଳକୁ ନିଆରା ପରିବେଶ ସୃଷ୍ଟି ହୋଇଥିଲା।

ବିଶେଷକରି ଭାଜପା, କଂଗ୍ରେସ ଓ ବିଜେଡି ପ୍ରାର୍ଥୀମାନେ ଶୋଭାଯାତ୍ରା କଲାବେଳେ ଜନଗହଳି ଦେଖିବାକୁ ମିଳିଥିଲା। ଶନିବାର ଓ ରବିବାର ଛୁଟି ଥିବାରୁ ନାମାଙ୍କନପତ୍ର ଦାଖଲ ହେବନାହିଁ। ଆସନ୍ତା ୧୩ ଓ ୧୪ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବ।

# ୧୫ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଯାଜପୁର ଟାଉନ, ୧୦।୫
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

- ଯାଜପୁର ଲୋକସଭା ଆସନ ପାଇଁ ୨ ପ୍ରାର୍ଥୀଙ୍କ ନାମାଙ୍କନ
- ଶୋଭାଯାତ୍ରାରେ କମ୍ପିଲା ସହର

ସାଧାରଣ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜରିରହିଛି। ଶୁକ୍ରବାର ୪ର୍ଥ ଦିବସରେ ୧୫ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥିରେ ବିଜେଡିରୁ ୨, ଭାଜପାରୁ ୫, କଂଗ୍ରେସରୁ ୨ ଏବଂ ସ୍ୱାଧୀନରୁ ୬ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ଯାଜପୁର ଲୋକସଭା ଆସନ ପାଇଁ ୨ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯାଜପୁର ଭାଜପା ଲୋକସଭା ପ୍ରାର୍ଥୀ ଡ. ରବୀନ୍ଦ୍ର ନାରାୟଣ ବେହେରା ଓ କଂଗ୍ରେସ ଲୋକସଭା ପ୍ରାର୍ଥୀ ଅଞ୍ଚଳ ଦାସ ସେମାନଙ୍କ ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ଭାଜପା ପ୍ରାର୍ଥୀ ଡ. ପ୍ରଦୀପ ବଳସାମନ୍ତ ଓ ସ୍ୱାଧୀନରୁ ରାଖାଲ ପରିଡ଼ା ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। କୋରେଇ ବିଧାନସଭା ଆସନ ନିମନ୍ତେ ଭାଜପାରୁ ଆକାଶ ଦାସ ନାୟକ, ସ୍ୱାଧୀନରୁ ସହଦେବ ଜେନା ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥୀଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ଯାଜପୁର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଗୌତମ ରାୟ ଉପଜିଲାପାଳ ଅଂଶୁମାନ ଶତପଥୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯାଜପୁର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦେବକାନ୍ତ ମହାନ୍ତି ନାମାଙ୍କନପତ୍ର ଦାଖଲ କରିଛନ୍ତି। ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ, ଭାଜପା ପ୍ରାର୍ଥୀ ଅମର ନାୟକ, କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ସାମଲ ଅତିରିକ୍ତ ଜିଲାପାଳ(ସାଧାରଣ) ନବକୃଷ୍ଣ ଜେନାଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ବରୀ ବିଧାନସଭା ଆସନ ନିମନ୍ତେ କଂଗ୍ରେସରୁ ଦେବାଶିଷ ନାୟକ, ଭାଜପାରୁ ଉମେଶ ଚନ୍ଦ୍ର ଜେନା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ କବୀର ଦାସ ଅତିରିକ୍ତ ଉପଜିଲାପାଳ ମନୋରମା ଜାଲିଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଧର୍ମଶାଳା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ସତୀଶ କୁମାର ବିଶ୍ୱାଳ, ଲାଲୁ ପ୍ରସାଦ କଦମ ଅତିରିକ୍ତ ଜିଲାପାଳ(ସାଧାରଣ) ନବକୃଷ୍ଣ ଜେନାଙ୍କ ଇଜିଲାସରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲ ପାଇଁ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସିଥିବାରୁ ସହର କମ୍ପି ଉଠିଥିଲା।





ବରୀ ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଜେନା, ସୁକିନ୍ଦା ଭାଜପା ପ୍ରାର୍ଥୀ ପ୍ରଦୀପ ବଳ ସାମନ୍ତ ଓ ସୁକିନ୍ଦା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼ାଇ ନାମାନଙ୍କନ ପତ୍ର ଦାଖଲ କରୁଛନ୍ତି।





ବଡ଼ଚଣା ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜୟ କୁମାର ସାମଲ, ଯାଜପୁର ଭାଜପା ପ୍ରାର୍ଥୀ ଗୌତମ ରାୟ ଓ ବଡ଼ଚଣା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ଅମର ନାୟକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।





ବରୀ ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ନାୟକ, ଯାଜପୁର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଅଞ୍ଚଳ ଦାସ ଓ ଯାଜପୁର ଲୋକସଭା ଭାଜପା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା ନାମାଙ୍କନପତ୍ର ଦାଖଲ ପାଇଁ ଆସୁଛନ୍ତି।

# ପରିତ୍ୟକ୍ତ ପରିବେଶରେ ନୀଳମାଧବ ଜୀଉଙ୍କ ଚନ୍ଦନ ଚାପ

**ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନଯାତ୍ରା**

ଖଣ୍ଡପଡ଼ା,୧୦।୫
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ସର୍ବଜନ ବିଦିତ। ଏହି କ୍ଷେତ୍ରର ଚନ୍ଦନ ଯାତ୍ରା। ବାସ୍ତବିକ ଅନନ୍ୟ। ସମସ୍ତ ପର୍ବପର୍ବାଣୀ ମଧ୍ୟରେ ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ପାରମ୍ପାରିକ ଚନ୍ଦନ ଯାତ୍ରାର ଆକର୍ଷଣ ସ୍ୱତନ୍ତ୍ର। ଏହି ଅବସରରେ ଶ୍ରୀଜୀଉମାନଙ୍କର ଚନ୍ଦନ ପୁଷ୍କରିଣୀରେ ଚାପ ଖେଳ ବା ନୌକା ବିହାର ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିଥାଏ। ତେବେ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀର ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପୋଖରୀରେ ଆବଶ୍ୟକ ପରିମାଣର ପାଣି ନ ଥିବା ସହ ଦଳରେ ପରିପୂର୍ଣ୍ଣ ରହିଛି। ପୋଖରୀ ଚତୁଃପାର୍ଶ୍ୱ ପଙ୍କ କାଦୁଅ



ନୀଳବାଧବ ଚାପ ଖେଳ ଚାଲିଛି।

ପରିତ୍ୟକ୍ତ ପରିବେଶ ମଧ୍ୟରେ ଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୌଣସି ଚାପରେ ଏହି ପୋଖରୀ ମଧ୍ୟରେ ଠାକୁରଙ୍କ ଚାପନୀତିକୁ ପରିଚାଳନା କରିଥିବା ଜଣାପଡିଛି। ଅପରପକ୍ଷରେ ଗୋଧୂଳି ବେଳାରେ ମନ୍ଦିରରୁ ଚନ୍ଦନ ପୋଖରୀକୁ ଜଳକ୍ରୀଡା ପାଇଁ ଶ୍ରୀଜିଉ ବିଜେ ହେବା ପରିବର୍ତ୍ତେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ବିଜେ ହୋଇଛନ୍ତି। ଚାପନୀତି ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଯେତିକି ଖୁସୀର ଲହରୀ ଖେଳି ଯାଇଛି ତା ଠାରୁ ଅଧିକ ବ୍ୟଥିତ କରିଛି ନୀଳମାଧବ ବିକାଶ ପ୍ରକଳ୍ପରେ ସାମିଲ ହୋଇଥିବା ଚନ୍ଦନ ପୋଖରୀ। ଠିକ ଭାବେ ପଙ୍କ ଉଦ୍ଧାର ହୋଇ ନ ଥିବାରୁ ଆଗାମୀ ଦିନରେ ଏହା ଦଳ ଓ ପଦ୍ମ ବଣରେ ପ୍ରଦୂଷିତ ହୋଇ ପଡିବ। ଏହାଛଡା ଅନିୟମିତତା ଭାବେ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବାରୁ ପୋଖରୀରେ ପାଣି ଭରି ହୋଇଗଲେ ଚତୁଃପାର୍ଶ୍ୱ କାର୍ଯ୍ୟ ଧସି ପଡିବାର ସମ୍ଭାବନା ରହିଛି। ଖଣ୍ଡପଡ଼ା ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଧୋବେଇ ନାଏକ ଓ ମୋହରୀ ବାଇଧର ରାଉତ ପ୍ରମୁଖ ଗତ ୨ଦିନ ହେବ ଯେନତେନ ପ୍ରକାରେଣ ଠାକୁରଙ୍କ ଚନ୍ଦନ ନୀତି ସମ୍ପନ୍ନ କରିବା ପାଇଁ ପ୍ରୟାସ ଜାରି ରଖି କାର୍ଯ୍ୟରେ ସଫଳ ହୋଇଛନ୍ତି। ତେବେ ଆଗାମୀଦିନରେ ଠାକୁରଙ୍କ ଚନ୍ଦନ ପୋଖରୀର ଅବସ୍ଥା ପୂର୍ବବତ ପରିତ୍ୟକ୍ତ ହୋଇ ପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆଜିର ଏହି ପାରମ୍ପରିକ ଚନ୍ଦନ ଚାପ ନୀତି ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ପୋଖରୀର ଦୁରାବସ୍ଥା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ନବନିର୍ମିତ ଚାପ ଡଙ୍ଗାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ଲକ୍ଷ୍ମୀ ସରସ୍ୱତୀ, ଶିବ ପାର୍ବତୀ ସୁସଜ୍ଜିତ ନୌକାରେ ଜଳ କ୍ରୀଡା କରୁଥିବା ଦୃଶ୍ୟ ଉପଭୋଗ କରିଥିଲେ।

ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା ପାଇବାକୁ ମନ୍ଦିରରେ ବିଗ୍ରହମାନଙ୍କୁ ଚନ୍ଦନ ଲାଗି କରାଯିବାର ବିଧି କାହିଁ କେଉଁ କାଳରୁ ପ୍ରଚଳିତ ଅଛି। ଏହାଛଡା ଠାକୁରଙ୍କ ମନ୍ଦିର ପରିସରରେ ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ଅନୁଷ୍ଠିତ ହୋଇଥାଏ। ଶ୍ରୀଜୀଉ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଚନ୍ଦନ ଲାଗି ହେବା ସହ ସୁଶୀତଳ ସୁବାଷିତ ଜଳରେ ସ୍ନାନ ଏବଂ ନୌକା ବିହାର ପାଇଁ ମନ୍ଦିର ନିକଟ ଚନ୍ଦନ ପୁଷ୍କରିଣୀକୁ ସୁସଜ୍ଜିତ ମଣି ବିମାନରେ ଯାତ୍ରା କରିଥାନ୍ତି। ପୁଷ୍କରିଣୀ ନିକଟରେ ପହଁଞ୍ଚିବା ପରେ ଠାକୁରମାନଙ୍କୁ ହାନ୍ଦୋଳାରେ ପୂଜକମାନେ ଚାପକୁ ବିଜେ କରାଇଥାନ୍ତି। ଠାକୁରମାନେ ଦିନକୁ ଦୁଇଥର ଚାପ ଖେଳିଥାନ୍ତି। ଦିନ ଚାପରେ ଠାକୁରମାନେ ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଗୋଟିଏ ଘେରା ବୁଲୁଥିବା ବେଳେ ରାତି ଚାପରେ ୩ ଘେରା ବୁଲିଥାନ୍ତି। ଦିନ ଚାପ ପରେ ଠାକୁରମାନେ ଚାମର ଆଲଟ ହୋଇ ପୁଷ୍କରିଣୀ ସମ୍ମୁଖରେ ଥିବା ଚନ୍ଦନ ମଣ୍ଡପକୁ ବିଜେ ହୋଇଥାନ୍ତି। ପରେ ସିଂହାରୀ ଜୀଉଙ୍କ ଅଙ୍ଗ ବସ୍ତ୍ରକୁ ପାଲଟାଇ ଚନ୍ଦନ ମଣ୍ଡପରେ ଥିବା ଏକ ସୁବାସିତ ଚନ୍ଦନ କୁଣ୍ଡରେ ଶ୍ରୀଜୀଉଙ୍କୁ ସ୍ନାନ ପାଇଁ ବିଜେ କରାଇଥାନ୍ତି। ଉକ୍ତ କୁଣ୍ଡରେ ଚୁଆ, କର୍ପୁର, ଚନ୍ଦନ ଆଦି ଶୁଦ୍ଧ ପାଣିରେ ମିଶ୍ରିତ ହୋଇଥାଏ। ସନ୍ଧ୍ୟାରେ ପୁନଃ ଚାପ ଖେଳ ପାଇଁ ଶ୍ରୀଜୀଉଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ ଚାପ ଖେଳ ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥାଏ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରୋହିତ



@ ସରୋଜ



@ ଜୀବନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

# ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଚନ୍ଦନଯାତ୍ରା ଆରମ୍ଭ

ଓଡ଼ଗାଁ, ୧୦।୫
(ଆଦର୍ଶ କୁମାର ପଟ୍ଟନାୟକ)

ବୈଶାଖ ଶୁକ୍ଳପକ୍ଷ ପବିତ୍ର ଅକ୍ଷୟ ତୃତୀୟାରେ ଓଡ଼ଗାଁରେ ବିରାଜୀତ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ଚନ୍ଦନ ଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଅପରାହ୍ନରେ ଶ୍ରୀରାମ ସାଗରରେ ପ୍ରଭୁଙ୍କ ବିଜେ ପ୍ରତିମା ଚାପ ଖେଳିଛନ୍ତ। ୨୧ଦିନ ଧରି ଏହା ଅନୁଷ୍ଠିତ ହେବ। ସକାଳର ଦୈନନ୍ଦିନ ନୀତି ପରେ ପହୁଡ଼ ପଡ଼ିଥିଲା। ଅପରାହ୍ନରେ ଶ୍ରୀଜିଉ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ସୀତାଙ୍କ ବିଜେ ପ୍ରତିମା ଆଜ୍ଞାମାଳ ପାଇବା ପରେ ଧୂପଦୀପ ଓ ଆଳତୀ ଆଦି ସମସ୍ତ ନୀତିକାନ୍ତି ସାରି ଜଗମୋହନଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ପରେ ଶ୍ରୀଜିଉମାନେ ମନ୍ଦିରରୁ ବାହାରି ସୁଶୋଭିତ ବିମାନରେ ବସି ଘଣ୍ଟ, କାହାଳୀ, ଛତି, ତ୍ରାଶ ଆଦି ପଟୁଆରରେ ଆସି ଶ୍ରୀରାମ ସାଗରରେ ଥିବା ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ। ଚନ୍ଦନ ମଣ୍ଡପ ସମସ୍ତ ଶୋଧନ ନୀତି ପରେ ଶ୍ରୀଜିଉମାନେ ନୌକାବିହାର କରିଥିଲେ। ପରେ ଭୋଗ ଓ ଆଳତୀ ନୀତି ସାରି ଚନ୍ଦନ କୁଣ୍ଡରେ ସୁବାସିତ ଜଳରେ ଅବସ୍ଥାନ କରିଥିଲେ। ରାତିରେ ଚନ୍ଦନ କୁଣ୍ଡରୁ ଶ୍ରୀଜିଉମାନଙ୍କୁ ଚନ୍ଦନ ବେଦୀକୁ ଅଣାଯାଇ ପୁନଶ୍ଚ ଭୋଗ ନୈବେଦ୍ୟ ଅର୍ପଣ ପରେ ଡଙ୍ଗାରେ ଜଳକ୍ରୀଡା କରିଥିଲେ। ଜଳକ୍ରିଡା ସାରିବା ପରେ ନଗର ଭ୍ରମଣ କରି ଚାଚେରୀ ଭୋଗ ଲାଗିହୋଇଥିଲେ। ରାତି ୧୦ଟାରେ ଶ୍ରୀଜିଉ ମନ୍ଦିର ପ୍ରବେଶ କରିବା ପରେ ବଡସିଂହାର ନୀତି ଅନୁଷ୍ଠିତ ହୋଇ ଶ୍ରୀଜୀଉଙ୍କ ପହଡ ହୋଇଥିଲା। ପାଳିଆ ପୂଜକ ନାରାୟଣ ମହାପାତ୍ର, ଚନ୍ଦନ ଯାତ୍ରା ପାଳିଆ ପୂଜକ ପ୍ରଫୁଲ୍ଲ ମହାପାତ୍ର ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଜିତେନ୍ଦ୍ର କୁମାର ମିଶ୍ରଙ୍କ ମିଳିତ ସହଯୋଗରେ ଶ୍ରୀଜିଉଙ୍କ ଆଜିର ଚନ୍ଦନ ଯାତ୍ରା ନୀତିକାର୍ଯ୍ୟ ସମ୍ପାଦନ ହୋଇଥିଲା ଯ ରଘୁନାଥ ଚିନ୍ତନଚକ୍ର ଦ୍ୱାରା ବହୁବର୍ଷ ଧରି ଚାଲି ଆସିଥିବା ୪୭ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଆଜି ଠାରୁ ମନ୍ଦିର ପରିସର ଭଞ୍ଜମଣ୍ଡପରେ ଆରମ୍ଭ ହୋଇଛି ଯ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ବିଜ୍ଞ ବକ୍ତାମାନଙ୍କଠାରୁ ରାମକଥା ଶ୍ରବଣ ପାଇଁ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ସଭାପତି ଦିଲୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଏହା ଆଜିଠାରୁ ୯ ଦିନ ଧରି ଅନୁଷ୍ଠିତ ହେବ।



ଓଡ଼ଗାଁରେ ଶ୍ରୀରଘୁନାଥ ଜୀଉଙ୍କ ଚାପଖେଳ।

# ଭାଜପା ସରକାର ଆସିଲେ ରାମରାଜ୍ୟ ହେବ: ରାଜନାଥ




ରଣପୁର ପଞ୍ଚୁଦୋଳ ପଡିଆଠାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ରାଜ୍ୟ ଦଳୀୟ ନେତୃବୃନ୍ଦ ଏବଂ ଜନସାଧାରଣ।

ରଣପୁର,୧୦।୫
(ସୁକାନ୍ତ କିଶୋର ଡାକୁଆ)

- ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରତିଶ୍ରୁତି
- ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା

ନୟାଗଡ଼ ଜିଲା ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଓଡ଼ିଶାରେ ଭାଜପା ସରକାର ଆସିଲେ ରାମ ରାଜ୍ୟ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଅବସରରେ ସେ ଏହା କହିଛନ୍ତି। ରାଜନାଥ ଅପରାହ୍ନ ୫ଟାରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ରଣପୁରସ୍ଥିତ ଜେଲ ଛକରେ ଥିବା ପଡିଆରେ ପହଞ୍ଚି ଥିଲେ। ସେଠାରୁ ସଡ଼କ ପଥରେ ଆସି ରଣପୁର ପଞ୍ଚୁଦୋଳ ପଡିଆଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। ଏହି ସମୟରେ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀଜଗନ୍ନାଥ ଓ ମା'ମଣିନାଗଙ୍କୁ ପ୍ରଣାମ କରି ରାଜନାଥ ତାଙ୍କର ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, ପ୍ରଥମ ଥର ରଣପୁର ଆସିଛି ମୁଁ। ଯାହା ଦେଖୁଛି ଲୋକଙ୍କ ସମାଗମ କହୁଛି ଏଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବ। ଆମେ କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବାକୁ କହିଥିଲୁ ହଟାଇଲୁ, ରାମ ମନ୍ଦିର ନିର୍ମାଣ କରିବାକୁ କହିଥିଲୁ ତାହା କରିକି ଦେଖାଇଲୁ। ସବୁ ଧର୍ମର ମା' ଭଉଣୀ ସହ ରହିଛୁ, ସେଥିପାଇଁ ଆମେ ୩ ତଲାକକୁ ଉଠାଇ ଦେଲୁ। ଓଡ଼ିଶାବାସୀ ୫୦ବର୍ଷ କଂଗ୍ରେସ ସରକାର ଓ ୨୫ବର୍ଷ ବିଜେଡି ସରକାର ଦେଖିଲେ। ଏଥର ଭାଜପାକୁ କ୍ଷମତାକୁ ଆଣନ୍ତୁ। କଂଗ୍ରେସ ଗରିବ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ଏହା ସମ୍ଭବ ହେଲାନି, ହେଲେ ମୋଦି କରି ଦେଖାଇଲେ। ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ସିଂ ଭାଜପା ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଓ ରଣପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥିନୀ ସୁରମା ପାଢ଼ୀଙ୍କୁ ସମର୍ଥନ କରିବାକୁ ଉପସ୍ଥିତ ଲୋକମାନଙ୍କୁ ନିବେଦନ କରିଥିଲେ। ସମାବେଶରେ ପୁରୀ ଲୋକ ସଭା ସଂଯୋଜକ ଶଙ୍କର ପରିଡା, ନୟାଗଡ଼ ଜିଲା ଭାଜପା ସଭାପତି ତାପସ ମାର୍ଥା, ଭାଜପା ବରିଷ୍ଠ ନେତା ପ୍ରିୟବ୍ରତ ପ୍ରହରାଜ, ଗୋପାଳପୁର ଜୋନ୍‌ର ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଧନ୍ୟବାଦ ଦେଇଥିଲେ।

# ଭାଜପା ରାଜ୍ୟରେ କ୍ଷମତାକୁ ଫେରିବ: ମୁଖପାତ୍ର

ଖଣ୍ଡପଡ଼ା,୧୦।୫
(ଅଜୟ କୁମାର ମହାରଣା)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଭାଜପା ରାଜ୍ୟ ମୁଖପାତ୍ର ପ୍ରକାଶ ରଥ ତଥା ବରିଷ୍ଠ ଭାଜପା ନେତା ସମ୍ମିଳନୀରେ ଉପସ୍ଥିତ ରହି ରାଜ୍ୟ ରାଜନୀତିରେ ଭାଜପାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ନେତୃତ୍ୱ ପରିବର୍ତ୍ତନର ଆଭାସ ସମଗ୍ର ରାଜ୍ୟରେ ପରିଲକ୍ଷିତ ହେଉଛି। ତେଣୁ ରାଜ୍ୟର ଶାସନଡୋରି ଭାଜପା ହାତକୁ ଯିବ ବୋଲି ରଥ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭାଜପା ନେତୃତ୍ୱରେ ରାଜ୍ୟରେ ସରକାର ଗଠନ ହେଲେ ବିଭିନ୍ନ ସମସ୍ୟାର ସମାଧାନ ହେବା ସହ ଦାଦନ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ହେବ ବୋଲି ସେ କହିଥିଲେ। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ପାଇଁ ଲାଗୁ ହୋଇଥିବା ୩୭୦ ଧାରା ଉଚ୍ଛେଦ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ସେହିପରି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସମସ୍ୟା ଦୂର ପାଇଁ ଆୟୁଷ୍ମାନ୍ ଯୋଜନା କାର୍ଯ୍ୟକାରୀ କରିବା, ସମାନ ନାଗରିକ ସଂହିତା ଆଇନ, ମୁଦ୍ରାରଣ ଯୋଜନା ଜରିଆରେ ଶିକ୍ଷିତ ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ପରି ଅନେକ ଲୋକହିତକର ଯୋଜନା କାର୍ଯ୍ୟକାରୀ ହେଇଥିବା ନେଇ ସେ ସୂଚନା ଦେଇଥିଲେ। ରାଜ୍ୟରେ ୨୫ ବର୍ଷ ଧରି କ୍ଷମତାସୀନ ଭାଜପା ସରକାର ଋଣଭାରରେ ବୁଡ଼ି ରହିଥିବା ବେଳେ ମହିଳାମାନେ ଏଠି ସୁରକ୍ଷିତ ନୁହନ୍ତି ବୋଲି ରଥ ମତ ଦେଇଥିଲେ। ସେହିପରି ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଜନାରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହେବା ଦୁର୍ଭାଗ୍ୟର ବିଷୟ। ତେଣୁ ଚଳିତ ନିର୍ବାଚନରେ ପ୍ରତିଭା ଥିବା ଭାଜପାର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଲାଗି ଭୋଟ ଭିକ୍ଷା କରିଥିଲେ।

# ଓଭରବ୍ରିଜ୍‌ର ବାଇପାସ୍ ରାସ୍ତା ବିପଦସଙ୍କୁଳ




ବଲାଙ୍ଗୀ ବନ୍ଧ ନିକଟରେ ନିର୍ମାଣାଧୀନ ଓଭରବ୍ରିଜ୍ ବାଇପାସ୍ ରାସ୍ତା ବିପଦ ସଙ୍କୁଳ।

ନୟାଗଡ଼,୧୦।୫(ଲୋକନାଥ ମିଶ୍ର)

- ରାସ୍ତାରେ ରହିଛି ୭ରୁ ଉର୍ଦ୍ଧ୍ୱ କୋଠାଘର
- ବଢ଼ିଲାଣି ଦୁର୍ଘଟଣା, ଭଙ୍ଗାଯାଉନି ଘର
- ନିରାକରଣ ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବଲାଙ୍ଗୀ ବନ୍ଧ ନିକଟବର୍ତ୍ତୀ ଅଞ୍ଚଳରେ ନିର୍ମାଣାଧୀନ ଓଭରବ୍ରିଜ୍‌ର ବାଇପାସ୍ ରାସ୍ତା ବିପଦସଙ୍କୁଳ ହୋଇ ରହିଛି। ଓଭରବ୍ରିଜ୍ ଓ ବାଇପାସ୍ ରାସ୍ତା ଉଦ୍‌ଘାଟନ ହୋଇ ନ ଥିବାବେଳେ ବାଇପାସ୍‌ରେ ଦୁର୍ଘଟଣା ହେଲାଣି। ବାଇପାସ୍ ରାସ୍ତାକୁ ଲାଗି ୭ରୁ ଉର୍ଦ୍ଧ୍ୱ କୋଠାଘର ରହିଛି। ବାଇପାସ୍ ଓ ଓଭରବ୍ରିଜ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏଯାବତ୍ ରାସ୍ତାକୁ ଲାଗିଥିବା କୋଠାଘର ଭଙ୍ଗାଯାଉନି। କୋଠାଘର ଭଙ୍ଗା ନ ଯାଇ କାମ ହେଉଥିବାରୁ ବାଇପାସ୍‌ରେ ଯିବା ବିପଦକୁ ଆମନ୍ତ୍ରଣ କଲାଣି। ଏହାର ନିରାକରଣ ପାଇଁ ସାମାଜିକ କର୍ମୀ ନିତୁ ରଞ୍ଜନ ଦାଶ ଜିଲାପାଳଙ୍କୁ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ କରି ତୁରନ୍ତ ଏହାର ସମାଧାନ ନିମନ୍ତେ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ନୟାଗଡ଼ ସହର ଦେଇ ବଲାଙ୍ଗୀ ବନ୍ଧ ପାର୍ଶ୍ୱରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଅତିକ୍ରମ କରିଛି। ରେଳପଥ ଅତିକ୍ରମ ଯୋଗୁ ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ବାଇପାସ୍ ଓ ଓଭରବ୍ରିଜ୍ ନିର୍ମାଣ ହେଉଛି। ରାସ୍ତା ଉପରେ କିଛିଘର ରହିଥିଲେ ମଧ୍ୟ ଏହାକୁ ଉଚ୍ଛେଦ କରାଯାଉନି। ଯଦି କୋଠାଘରଗୁଡିକ ଜବରଦଖଲରେ ହୋଇଥିବା ତୁରନ୍ତ ଉଚ୍ଛେଦ କରାଯିବା ଦରକାର। ବ୍ୟକ୍ତିଗତ ହୋଇଥିଲେ କ୍ଷତିପୂରଣ ଦେଇ ଜମି ଅଧିଗ୍ରହଣ କରି ବାଇପାସ୍ ରାସ୍ତାକୁ କ୍ଲିୟର କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ମର୍ଦ୍ଦରାଜପୁର: ଆରମ୍ଭ ହେଲା ରଥ ନିର୍ମାଣ

ଖଣ୍ଡପଡ଼ା,୧୦।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥିତ ମୁଣ୍ଡିଆ ହନୁମାନ ପୀଠରେ ବିରାଜିତ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ଶୁକ୍ରବାରଠାରୁ ପବିତ୍ର ଅକ୍ଷୟ ତୃତୀୟା ତିଥି ଅବସରରେ ଆରମ୍ଭ ହୋଇଛି। ନିକଟସ୍ଥ ବାଟମଙ୍ଗଳା ଓ ମୁଣ୍ଡିଆ ହନୁମାନ ସ୍ଥିତ କନକ ଦୁର୍ଗା ଓ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆସି ରଥଖଳାରେ ବିଜେ କରିବା ପରେ ରଥ ନିର୍ମାଣ କାରିଗର ଦେବରାଜ ମହାପାତ୍ର, ପୁରୋହିତ କୃଷ୍ଣଚନ୍ଦ୍ର ଦାସ, ସିପୁନ ନନ୍ଦ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟା ଆରମ୍ଭ କରାଯାଇଥିଲା। ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ ମନ୍ଦିରର ପୂଜକ ସରୋଜ ନନ୍ଦ ଓ କୃଷ୍ଣ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତଥା ଗ୍ରାମବାସୀଙ୍କ ସହଯୋଗରେ ସଂପୃକ୍ତ ମନ୍ଦିରରୁ ଆଜ୍ଞାମାଳ ଆସିବା ସମୟରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଥକାଠ ପୂଜାର୍ଚ୍ଚନା ପରେ ଏକ ପ୍ରସାଦ ସେବନ କାର୍ଯ୍ୟକ୍ରମ କରା ଯାଇଥିଲା।

# ମହାପ୍ରୟାଣ ଗାଡ଼ି ସବୁବେଳେ ଅଚଳ

ନୟାଗଡ଼,୧୦।୫(ଲୋକନାଥ ମିଶ୍ର)

- ମେଡିସିନ ୱାର୍ଡରେ ଝୁଲୁଛି ଗାଡ଼ି ଖରାପର ସୂଚନା
- ମୃତଦେହକୁ ବେସରକାରୀ ଆମ୍ବୁଲାନ୍ସ ଭରସା
- ମୃତକ ପରିବାର ଅଯଥାରେ ହେଉଛନ୍ତି ଖର୍ଚ୍ଚାନ୍ତ

ମୃତଦେହ ଘରେ ପହଞ୍ଚାଇବା ପାଇଁ ସରକାର ଯୋଗାଇଛନ୍ତି ମହାପ୍ରୟାଣ ଗାଡ଼ି। ହେଲେ ନୟାଗଡ଼ ଜିଲାରେ ଏହି ମହାପ୍ରୟାଣ ଗାଡ଼ି ସବୁବେଳେ ଅଚଳ ହୋଇ ପଡିରହୁଛି। ପ୍ରଶ୍ନ ଉଠୁଛି, ଯଦି ମହାପ୍ରୟାଣ ଗାଡ଼ି ସବୁବେଳେ ଖରାପ ତେବେ ମରାମତି କାହିଁକି କରାଯାଇ ସରକାରୀ ଟଙ୍କା ଅପବ୍ୟୟ ହେଉଛି। ଅପରପକ୍ଷେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରକୁ ନେବାବେଳକୁ ସବୁବେଳେ ମୃତକଙ୍କ ପରିବାର ଅଯଥା ଖର୍ଚ୍ଚାନ୍ତ ହୋଇ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ମୃତଦେହ ନେବାକୁ ଘରୋଇ ଆମ୍ବୁଲାନ୍ସ ମନଇଚ୍ଛା ଟଙ୍କା ଦାବି କରୁଛନ୍ତି। ସେପଟେ ନୟାଗଡ଼ ଜିଲାର ୧୦୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟସ୍ଥିତ ମେଡିସିନ ୱାର୍ଡରେ ମହାପ୍ରୟାଣ ଗାଡ଼ି ଖରାପ ଦର୍ଶାଇ ନୟାଗଡ଼ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଦାୟିତ୍ୱ ଶେଷକରି ଦେଇଛନ୍ତି।

ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୋଟିଏ ଲେଖାଏ ମହାପ୍ରୟାଣ ଗାଡ଼ି ସରକାର ଯୋଗାଇ ଦେଇଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ମହାପ୍ରୟାଣ ଗାଡ଼ିର ତଦାରଖ ନୟାଗଡ଼ ମ୍ୟୁନିସିପାଲିଟି କରୁଛି। ତେବେ ମହାପ୍ରୟାଣ ଗାଡ଼ି ସବୁବେଳେ ଅଚଳ ରହୁଛି। ମୃତଦେହ ଘରକୁ ନେବାକୁ ମୃତକଙ୍କ ପରିବାର ମହାପ୍ରୟାଣ ଗାଡିର ଡ୍ରାଇଭରଙ୍କୁ ଯୋଗାଯୋଗ କଲେ ଉତ୍ତର ମିଳୁଛି, ଆଜ୍ଞା ଗାଡ଼ି ଖରାପ ଅଛି। ପ୍ରାଇଭେଟ ଆମ୍ବୁଲାନ୍ସ ଦେଖନ୍ତୁ। ସବୁବେଳେ ଖରାପ ଖରାପ ଶୁଣି ଲୋକେ ଆଉ ମହାପ୍ରୟାଣ ଗାଡି ସହ ଯୋଗାଯୋଗ କରୁନାହାନ୍ତି। ଏ ନେଇ ବାଘମାରୀର ଇନ୍ଦିରା ସ୍ୱାଇଁ କହିଛନ୍ତି, ମୋର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହେଲା। ରାତିରେ ମହାପ୍ରୟାଣ ଗାଡ଼ି ଡ୍ରାଇଭରଙ୍କ ସହ ଯୋଗାଯୋଗ ପରେ ଗାଡ଼ି ଖରାପ ଅଛି କହିଥିଲେ। ପରେ ସରକାରୀ ଦେୟଠାରୁ ଦେଢ଼ଗୁଣା ଅଧିକ ଟଙ୍କା ଦେଇ ଘରୋଇ ଆମ୍ବୁଲାନ୍ସରେ ମୃତଦେହ ନେବାକୁ ପଡ଼ିଲା। ଯଦି ମହାପ୍ରୟାଣ ଗାଡ଼ି ସବୁବେଳେ ଖରାପ ତେବେ ସରକାର ଏହି ଗାଡ଼ିକୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ହଟାଇବା ଦରକାର। ଗୋଡିପଡ଼ା ଅଞ୍ଚଳର ମାନସ ରଞ୍ଜନ ସାହୁ କହିଛନ୍ତି, କିଛିଦିନ ତଳେ ମୋର ଜଣେ ବନ୍ଧୁ ପ୍ରାଣ ହରାଇଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ୱାର୍ଡରେ ମହାପ୍ରୟାଣ ଗାଡ଼ି ଖରାପ ଥିବା ଦେଖି ଘରୋଇ ଆମ୍ବୁଲାନ୍ସରେ ଘରକୁ ନେଲୁ। ସରକାର ପୁରୁଣା ମହାପ୍ରୟାଣ ଗାଡ଼ି ହଟାଇ ନୂଆ ଗାଡ଼ି ଯୋଗାଇବାକୁ ସେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ପଚାରିବାରେ ମହାପ୍ରୟାଣ ଗାଡ଼ି ସବୁବେଳେ ଖରାପ ହେଉଛି କି ନା ମୁଁ ଜାଣିନି। ତେବେ ଗାଡ଼ି ଖରାପ ଥିବା ଜାଣିବା ପରେ ମରାମତି ପାଇଁ ଦିଆଯାଇଛି। ୨ରୁ ୩ ଦିନ ମଧ୍ୟରେ ଗାଡ଼ି କାମ ଶୀଘ୍ର ଶେଷ କରାଯାଇ ପୁଣି ମୃତଦେହ ବୋହିବା କାର୍ଯ୍ୟରେ ଲାଗିବ ବୋଲି ସେ କହିଛନ୍ତି।




ଖରାପ ଥିବା ମହାପ୍ରୟାଣ ଗାଡ଼ି ପୋଷ୍ଟର।

